# ନବରଙ୍ଗପୁରରେ ପଛରେ ପଡ଼ିଛି ପିଏମ୍ଏୱାଇ ନିର୍ମାଣ କାର୍ଯ୍ୟ

■ ହିତାଧିକାରୀଙ୍କ ଟଙ୍କା ନେଇ ଛୁ ମାରୁଛନ୍ତି ମଧ୍ୟସ୍ଥ

■ ଉପାୟଶୂନ୍ୟ ପ୍ରଶାସନ, ଅସହାୟ ବୟସ୍କ ହିତାଧିକାରୀ

ନବରଙ୍ଗପୁର,୧୮।୯(ବି.ପ୍ର.)

ନବରଙ୍ଗପୁର ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ କାର୍ଯ୍ୟ ବହୁ ପଛରେ ପଡ଼ିଛି। ଏଥିରେ ମଧ୍ୟସ୍ଥି ବାଧକ ସାଜିଥିବା ଜଣାପଡ଼ିଛି। ଗରିବ ହିତାଧିକାରୀଙ୍କ ଘର ତିଆରି କରିଦେବା ନାଁରେ ମଧ୍ୟସ୍ଥି ଟଙ୍କା ନେବାପରେ ଅଧାକାମ କରି ଧରାଛୁଆଁ ଦେଉ ନ ଥିବା ଅନେକ ହିତାଧିକାରୀଙ୍କ ଠାରୁ ଅଭିଯୋଗ ଆସୁଛି। ଏମିତିକି ପଞ୍ଚାୟତ ସ୍ତରରୁ ବ୍ଲକ ପର୍ଯ୍ୟନ୍ତ ମଧ୍ୟସ୍ଥି ନିର୍ଦ୍ଦିଷ୍ଟ ଦଳର ହୋଇଥିବାରୁ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଅଗଷ୍ଟ ସୁଦ୍ଧା ୨୦୧୬–୧୭ ଆର୍ଥିକ ବର୍ଷର ଏ ପର୍ଯ୍ୟନ୍ତ ୫୦୬ ଆବାସ ନିର୍ମାଣ ହୋଇପାରି ନ ଥିବା ଜଣାପଡ଼ିଛି। ସେହିପରି ୨୦୧୮–୧୯ ବର୍ଷର ୬୭୧, ୨୦୧୯–୨୦ ବର୍ଷର ୪୪୫, ୨୦୧୯–୨୦ ବର୍ଷର ୩୧୫୩, ୨୦୨୦–୨୧ ବର୍ଷର ୧୦୩୫ ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ଜିଲାପରିଷଦ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଗୃହ ନିର୍ମାଣ ନିମନ୍ତେ ଟଙ୍କା ହିତାଧିକାରୀଙ୍କ ପାଖକୁ ଆସୁଛି। ହିତାଧିକାରୀ ନିଜେ କାମ କରିବାରେ ଅସମର୍ଥ ହେବା ଯୋଗୁ ମଧ୍ୟସ୍ଥିଙ୍କୁ ଟଙ୍କା ଦେଉଛନ୍ତି। ପରେ ମଧ୍ୟସ୍ଥି ଟଙ୍କା ନେଇ ବର୍ଷବର୍ଷ ଧରି ଗୃହ ନିର୍ମାଣ କାର୍ଯ୍ୟ ସାରୁ ନ ଥିବା ଜଣାପଡ଼ିଛି। ଏଭଳି ପରିସ୍ଥିତିରେ ପ୍ରଶାସନ ମଧ୍ୟ ହାତବାନ୍ଧି ଟାର୍ଗେଟ ପୂରଣ ଅପେକ୍ଷାରେ ରହିବାକୁ ବାଧ୍ୟ ହେଉଛି। ପ୍ରକୃତ ହିତାଧିକାରୀ ଘର ଖଣ୍ଡିଏ ପାଇବା ପରେ ବହୁ ଖୁସିଥିବା ବେଳେ ମଧ୍ୟସ୍ଥି ଯୋଗୁ ଘରକାମ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଆର୍ଥିକ ସ୍ଥିତି ଦୁର୍ବଳ ଥିବା ହିତଧିକାରୀ ନିଜେ ଘର ନିର୍ମାଣରେ ସମର୍ଥ ହୋଇପାରୁ ନାହାନ୍ତି। ବୟସ୍କ ଲୋକଙ୍କ ଆବାସ ନିର୍ମାଣ ପାଇଁ ମଧ୍ୟସ୍ଥିଙ୍କ ପ୍ରବେଶ ଏବଂ ହିତାଧିକାରୀଙ୍କ ନାମରେ ଆସିଥିବା ଟଙ୍କା ଉଠାଇ ନିର୍ମାଣ କାମ ଅଧାରେ ଅଟକିବା ଏବେ ମୁଖ୍ୟ ସମସ୍ୟା ହୋଇଛି। ଅନ୍ୟପକ୍ଷରେ ବାର୍ଦ୍ଧକ୍ୟ ଜନିତ କାରଣରୁ ହିତାଧିକାରୀ ମଧ୍ୟ ବ୍ଲକ, ଜିଲା କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିବାରେ ଅସମର୍ଥ ହେଉଛନ୍ତି। ଫଳରେ ଟଙ୍କା ଉଠାଇ ଛୁ ମାରିଥିବା ମଧ୍ୟସ୍ଥିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରୁନି। ଏ ନେଇ ଜିଲା ପରିଷଦ ନିର୍ବାହୀ ଅଧିକାରୀ ରତ୍ନାକର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ହିତାଧିକାରୀଙ୍କ ସିଧାସଳଖ ଟଙ୍କା ଦିଆଯାଉଛି। ସେମାନେ ମଧ୍ୟସ୍ଥି ଜରିଆରେ କାମ କରୁଥିବାରୁ ପ୍ରଶାସନ ମଧ୍ୟ ଉପାୟଶୂନ୍ୟ ହୋଇପଡୁଛି। ତଥାପି ବିଡିଓ ମାନଙ୍କୁ ଶୀଘ୍ର ଟାର୍ଗେଟ ପୂରଣ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

# ପାନୀୟ ଜଳ ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର

ରାୟଗଡ଼ା ଅଫିସ,୧୮।୯

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର ଦୁଇଟି ଗ୍ରାମରେ ପାନୀୟଜଳ ସମସ୍ୟା ନେଇ ଚାଷୀ ଏକତା ପରିଷଦ ସହାୟତାରେ ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକ କାର୍ଯ୍ୟାଳୟଠାରୁ ପ୍ରାୟ ୨ କିମି ଦୂରରେ ଧାମୁଣିପଙ୍ଗା ପଞ୍ଚାୟତର ଢେପାଗୁଡ଼ା ଓ କତାଗୁଡ଼ା ଗ୍ରାମ ରହିଛି। ହେଲେ ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏହାକୁ ନେଇ ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଓ ଜନପ୍ରତିନିଧିଙ୍କୁ ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଦୁଇ ଗ୍ରାମରେ ୯୦ଭାଗ ଲୋକ ଚାଷୀ ରହିଛନ୍ତି ଲୋକେ ନଦୀ, ନାଳ ଓ ଅନ୍ୟ ସାହିର ନଳକୂପ ଉପରେ ନିର୍ଭର କରୁଛନ୍ତି। ନଦୀ, ନାଳର ପାଣି ବ୍ୟବହାର କରି ରୋଗାକ୍ରାନ୍ତ ହେଉଛନ୍ତି ବୋଲି ଅଭିଯୋଗ କରାଯାଇଛି। ଫଳରେ ଶୁକ୍ରବାର ରାୟଗଡ଼ାର ଚାଷୀ ଏକତା ପରିଷଦ ସହାୟତାରେ ବିଡିଓ ତାପସ କୁମାର ଭୋଇଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବିଡିଓଙ୍କ ଅନୁପସ୍ଥିତିରେ ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ ଓ ବରିଷ୍ଠ କିରାଣି ବିଶ୍ୱନାଥ ଗମାଙ୍ଗଙ୍କୁ ଦାବିପତ୍ର ଦିଆଯାଇଛି। ମାସେ ମଧ୍ୟରେ ନୂତନ ନଳକୂପ ଖନନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଗ୍ରାମବାସୀଙ୍କ ସମେତ ଚାଷୀ ଏକତା ପରିଷଦର ମିଳିତ ଆନୁକୂଲ୍ୟରେ ବ୍ଲକ ଘେରାଉ କରାଯିବ ବୋଲି ଚାଷୀ ଏକତା ପରିଷଦର ଜିଲା ସଭାପତି ପ୍ରତାପ ପୁଆଲା, ଜିଲା କାର୍ଯ୍ୟକାରିଣୀ ସଭାପତି ପଦ୍ମନାଭ ଚୌଧୁରୀ, ସମ୍ପାଦକ ପ୍ରୀତମ କୁମାର କହିଛନ୍ତି।

## ସଂକ୍ଷେପରେ

### ବନ ବିଭାଗ ପକ୍ଷରୁ ଚାରାରୋପଣ



ଗୁଣପୁର,୧୮।୯(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ସହର ମୁଖ୍ୟରାସ୍ତାରେ ରବିବାର ବନ ବିଭାଗ ପକ୍ଷରୁ ଚାରାରୋପଣ କରାଯାଇଛି। ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନୂତନ ବସଷ୍ଟାଣ୍ଡଠାରୁ ବାଇପାସ ଛକ ରାସ୍ତାର ଡିଭାଇଡର ଅଞ୍ଚଳରେ ଚାରାରୋପଣ କରାଯାଇଥିଲା। ଗୁଣପୁର ରେଞ୍ଜର ନୀଳମାଧବ ପାଢ଼ୀଙ୍କ ସମେତ ଫରେଷ୍ଟର ଶିବାନୀ ପାତ୍ର, ଗାର୍ଡ ପୂର୍ଣ୍ଣଚନ୍ଦ୍ର ପାତ୍ର, ସସ୍ମିତା ପାତ୍ର, ରତ୍ନମଣି ହିଆଲ, ସ୍ୱପ୍ନା ବାଉରୀ, ସଙ୍ଗିତା ନନ୍ଦ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି

ଗୁଣପୁର,୧୮।୯(ଡି.ଏନ୍.ଏ.)- ଗୁଣପୁର ପୌରାଞ୍ଚଳ ବାବୁଲି ନଗର ବୃନ୍ଦାବତୀ ନଗର ପୂଜା କମିଟି ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ରବିବାର ଶୁଭଖୁଣ୍ଟି ସ୍ଥାପନ ହୋଇଛି। ପୂଜାରେ କର୍ତ୍ତା ଭାବେ ନିଳାଦ୍ରୀ ତ୍ରିପାଠୀ ଉପସ୍ଥିତ ଥିବାବେଳେ ପୂଜକ ପ୍ରକାଶ ରଥ, କାଶୀ ବିଶ୍ୱନାଥ ମିଶ୍ର ଏବଂ ନବୀନ ରଥ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଅକ୍ଟୋବର ୯ରୁ ୭ ଦିନ ଧରି ମା'ଙ୍କ ପୂଜା ଅନୁଷ୍ଠିତ ହେବ। ଶୁଭଖୁଣ୍ଟି ସ୍ଥାପନ ବେଳେ କମିଟିର ସଭାପତି ଜଗନ୍ନାଥ ପଟ୍ଟନାୟକଙ୍କ ସମେତ ସମସ୍ତ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

### ପିସିସି ସଦସ୍ୟ ହେଲେ ମୁନା ପାଢ଼ୀ



ଉମରକୋଟ,୧୮।୯ (ସ୍ୱ.ପ୍ର.)-ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦର ୧୧ନଂ ୱାର୍ଡର କଂଗ୍ରେସ କାଉନସିଲର ମୁନା ପାଢ଼ୀ ରାଇଘର ବ୍ଲକରୁ ପିସିସି ସଦସ୍ୟ ମନୋନୀତ ହୋଇଛନ୍ତି। ଉମରକୋଟ ପୌର ପରିଷଦରୁ ମୁନା ୩ଥର କାଉନସିଲର ରହିଛନ୍ତି। ରବିବାର ଭୁବନେଶ୍ୱର ସ୍ଥିତ କଂଗ୍ରେସ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ସମସ୍ତ ଜିଲାର ନୂତନ ପିସିସି ସଦସ୍ୟଙ୍କୁ ସ୍ୱାଗତ କରାଯିବା ସହ ନୂତନ ସଦସ୍ୟଙ୍କ ନାମ ବିଧିବଦ୍ଧ ଘୋଷଣା ହୋଇଛି। ଗ୍ରାମାଞ୍ଚଳରୁ ଦଳକୁ କିପରି ସୁଦୃଢ଼ କରାଯାଇ ପାରିବ ସେ ନେଇ ପିସିସି ସଭାପତି ଶରତ ପଟ୍ଟନାୟକ ସମସ୍ତ ସଦସ୍ୟଙ୍କୁ ବୁଝାଇଥିଲେ। ଅନ୍ୟପକ୍ଷରେ ମୁନା ରାଇଘର ବ୍ଲକରୁ ପିସିସି ସଦସ୍ୟ ହେବାପରେ ରାଇଘର ଏବଂ ଉମରକୋଟ କଂଗ୍ରେସ କର୍ମୀଙ୍କ ମହଲରେ ଖୁସି ପ୍ରକାଶ ପାଇଛି। ପିସିସି ସଦସ୍ୟ ଚୟନ କରାଯାଇଥିବାରୁ ମୁନା ପୂର୍ବତନ ଆଇଏନ୍ସି ସଭାପତି ରାହୁଲ ଗାନ୍ଧୀ, ପିସିସି ସଭାପତି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମାଓବାଦୀଙ୍କ ଟାର୍ଗେଟ୍ରେ ଥିବା ନେଇ ଲାଗିଲା ପୋଷ୍ଟର

## ରେଙ୍ଗାଭାଟି ରାସ୍ତାରେ ଯୁବକଙ୍କୁ ଗୁଳିମାଡ଼ ଘଟଣା

ରାଇଘର,୧୮।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ରେଙ୍ଗାଭାଟି ରାସ୍ତାରେ ସେପ୍ଟେମ୍ବର ୧୫ ଅପରାହ୍ନରେ ଛତିଶଗଡ଼ ଭୁତବେଡ଼ା ନିବାସୀ ହିନ୍ଦୁ ମାର୍କମଙ୍କୁ ଗୁଳିକରି ହତ୍ୟା ଉଦ୍ୟମ କରାଯାଇଥିଲା। ମାଓବାଦୀ ତାଙ୍କୁ ଗୁଳି ମାରିଥିବା ନେଇ ଶନିବାର ହାତୀଗାଁ ଅଞ୍ଚଳରେ ମିଳିଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ମାର୍କମ ପୂର୍ବରୁ ମାଓବାଦୀଙ୍କ ଟାର୍ଗେଟରେ ଥିବା ଏଥିରେ ଉଲ୍ଲେଖ ରହିଛି। ତେବେ ଗୁଳିକାଣ୍ଡ ଏବଂ ପୋଷ୍ଟର ମାରିବା ପଛରେ ମାଓବାଦୀଙ୍କ ସମ୍ପୃକ୍ତି ନେଇ ସ୍ପଷ୍ଟ ସୂଚନା ନ ଥିବା ଉମରକୋଟ ଏସ୍ଡିପିଓ ଶୁଭେନ୍ଦୁ କୁମାର ଶବର ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ ହିନ୍ଦୁ ମାର୍କମଙ୍କ ଘର ନବରଙ୍ଗପୁର ଜିଲା ରାଇଘର ବ୍ଲକ ଛତାବେଡ଼ା ଅଞ୍ଚଳରେ। ପ୍ରାୟ ୧୦ ବର୍ଷ ତଳେ ନିଜ ମାମୁଁ ଘର ଛତିଶଗଡ଼ର ଭୁତବେଡ଼ା ଗ୍ରାମରେ ରହୁଥିଲେ। କିଛି ଦିନ ମାମୁଁଙ୍କ ଘରେ ରହିବା ପରେ ବିବାହ କରି ଉକ୍ତ ଗ୍ରାମରେ ରହୁଥିଲେ। ପୂର୍ବରୁ ମାର୍କମ ମାଓବାଦୀଙ୍କ ପାଇଁ କାମ କରି ଆସୁଥିବା ବେଳେ ୫ ବର୍ଷ ହେଲା ସଙ୍ଗଠନ ଛାଡ଼ି ପୋଲିସ ଓ ପ୍ରଶାସନକୁ ସହଯୋଗ କରୁଥିଲେ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଲିସ ଇନ୍ଫର୍ମର ସାଜିବା ସହ ଜନବିରୋଧୀ କାମ କରୁଥିଲେ। ତେଣୁ ସେ ମାଓବାଦୀଙ୍କ ଟାର୍ଗେଟରେ ଥିଲେ ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ଏଥିସହ ମାଓବାଦୀ ନାଁରେ ଟଙ୍କା ଆଦାୟ କରିବା ସହ ପଞ୍ଚାୟତର ପ୍ରାୟ ୫ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ନେଇ ମାଓବାଦୀ ପକ୍ଷରୁ ଉକ୍ତ ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ହିନ୍ଦୁ ମାର୍କମ ନବରଙ୍ଗପୁର ଏସ୍ପି ଓ ଗରିଆବନ୍ଧ ଏସ୍ପିଙ୍କୁ ସହଯୋଗ କରୁଥିବା ନେଇ ମଧ୍ୟ ପୋଷ୍ଟରରେ ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ହିନ୍ଦୁ ମାର୍କମଙ୍କ ସମେତ ଛତିଶଗଡ଼ର ଚିଡେଇପାଣି ଗ୍ରାମର ଜଗତରାମ ନେତାମ ଓ ଦବନାଇ ଗ୍ରାମର ପୁସାବ ରାମ ମାର୍କମଙ୍କୁ ମଧ୍ୟ ମାଓବାଦୀଙ୍କ ଦ୍ୱାରା ମୃତ୍ୟୁଦଣ୍ଡ ଦିଆଯିବ ବୋଲି କୁହାଯାଇଛି। ଅପରପକ୍ଷେ ମାଓବାଦୀଙ୍କ ପକ୍ଷରୁ ବାରମ୍ବାର ଚେତାବନୀ ଦେବା ସହ କିଛି ମାସ ତଳେ ହିନ୍ଦୁ ମାର୍କମଙ୍କୁ ଭୁତବେଡ଼ା ଗ୍ରାମର ଏକ ଛକ ନିକଟରେ ନିର୍ଦ୍ଦୟ ପିଟିଥିଲେ। ଉକ୍ତ ଗ୍ରାମରୁ ତଡ଼ି ଦେଇଥିବା ନେଇ ହିନ୍ଦୁ ମାର୍କମ ଭିଡିଓ ମାଧ୍ୟମରେ ଜଣାଇଥିଲେ। ଭୟରେ ଘର ଛାଡ଼ି ୬ ରୁ ୭ ମାସ ହେଲା ରାଇଘରରେ ରହୁଥିଲେ। ୧୫ ତାରିଖରେ ତାଙ୍କୁ ଗୁଳିମାଡ଼ ପରେ ପୋଲିସ ଘଟଣାକୁ ଗୁରୁତର ସହ ଦେଇ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଗୋଟାଏ ପଟେ ମାଓବାଦୀ ବିରୋଧି ଭିଡିଓ ଭାଇରଲ ହେଉଥିବା ବେଳେ ଅନ୍ୟପଟେ ଟଙ୍କା ହଡ଼ପ ଅଭିଯୋଗ ଆସୁଛି। ତେଣୁ ପୋଲିସ ତଦନ୍ତ ଚଳାଇଥିବା ଏସ୍ଡିପିଓ କହିଛନ୍ତି।


भाकपा (माओवादी)
मैनपुर-नुआपाड़ा डिवीजनल कमेटी

ହାତୀଗାଁରୁ ମିଳିଥିବା ପୋଷ୍ଟର।

### ମୁନିଗୁଡ଼ାରେ ଜମୁଛି ବାଲିଯାତ୍ରା



ମୁନିଗୁଡ଼ା,୧୮।୯(ଡି.ଏନ୍.ଏ.)

ମୁନିଗୁଡ଼ା ବ୍ଲକରେ ତିନୋଟି ସ୍ଥାନରେ ବାଲିଯାତ୍ରା ଜମୁଛି। ଭୈରବଗଡ଼ରେ ବୀର ଭୈରବ, ଜଗଦଲପୁରରେ କଳରାସୁଣୀ ଏବଂ ଅମ୍ବାଦୋଳାରେ ଦଣ୍ଡ ଭୈରବୀଙ୍କ ବାଲିଯାତ୍ରା ଅନୁଷ୍ଠିତ ହେଉଛି। ଯାତ୍ରାରେ ପୂଜାର୍ଚ୍ଚନା ଏବଂ ନିଆଁମଡ଼ା ଦେଖିବାକୁ ଅଞ୍ଚଳବାସୀଙ୍କ ପ୍ରବଳ ସମାଗମ ହେଉଛି। ସେହିପରି ଯାତ୍ରାରେ ଶ୍ରଦ୍ଧାଳୁମାନେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ମଜା ନେବା ସହ ଅସ୍ଥାୟୀ ବଜାରରୁ ଜିନିଷ କିଣି ନେଉଛନ୍ତି। ରବିବାର ଛୁଟି ଯୋଗୁ ସମସ୍ତ ତିନୋଟି ସ୍ଥାନରେ ହୋଇଥିବା ଯାତ୍ରାରେ ପ୍ରବଳ ଭିଡ଼ ଜମିଥିଲା। ଅପରାହ୍ନରେ ବର୍ଷା ଓ ବଜ୍ରପାତ ଯୋଗୁ ଲୋକେ ଫେରି ଯାଇଥିଲେ।

### ବଜ୍ରପାତରେ ବୃଦ୍ଧା ଗୁରୁତର



ପାପଡାହାଣ୍ଡି,୧୮।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଡୁମ୍ବର୍ଲା ପଞ୍ଚାୟତ ଅନ୍ତର୍ଗତ ହିର୍ଲି ଗ୍ରାମରେ ରବିବାର ବଜ୍ରପାତରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସେ ହେଲେ ଉଲ୍ଲାସୀ ପୂଜାରୀ। ଅପରାହ୍ନରେ ଅଞ୍ଚଳରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଉଲ୍ଲାସୀ ଘର ଅଗଣାକୁ ବାହାରିଥିବାବେଳେ ନିକଟସ୍ଥ ଆମ୍ବଗଛ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ସେ ଅଚେତ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

# ରାୟଗଡ଼ା ସାକ୍ରେଡ ହାର୍ଟ ସ୍କୁଲ ଛାତ୍ରଙ୍କ ସଫଳତା

## ଇଣ୍ଟର ସ୍କୁଲ ବାସ୍କେଟ ବଲ ପ୍ରତିଯୋଗିତା

ରାୟଗଡ଼ା ଅଫିସ, ୧୮।୯–

ଓଡ଼ିଶା ଆଇସିଏସଇ ଇଣ୍ଟର ସ୍କୁଲ ବାସ୍କେଟ ବଲ ପ୍ରତିଯୋଗିତା ରାଉରକେଲା ସ୍ଥିତ ସେଣ୍ଟ ପଲ୍ ସ୍କୁଲରେ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଆଇସିଏସଇର ନିର୍ଦ୍ଦେଶ କ୍ରମେ ପ୍ରିନ୍ସିପାଲ ଏସ୍. ଯୋଶେଫଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିଯୋଗିତାରେ ଓଡ଼ିଶାର ୭ ସ୍କୁଲ ଭାଗ ନେଇଥିଲେ। ୩ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ରାୟଗଡ଼ା ସ୍ଥିତ ସାକ୍ରେଡ ହାର୍ଟ ସ୍କୁଲର ଛାତ୍ରମାନେ ୩ଟି ବିଭାଗରେ ଭାଗନେଇ ପ୍ରଥମ ସେମିଫାଇନାଲରେ ରାଉରକେଲା ଟିମ୍କୁ ପରାଜିତ କରିଥିଲେ। ଫାଇନାଲରେ ସକ୍ରେଡ ହାର୍ଟ ସ୍କୁଲର ଛାତ୍ରମାନେ ବାଲେଶ୍ୱର ଟିମ୍ ସହ ଖେଳି ୫୩ ସ୍କୋର କରି ଚାମ୍ପିୟନ ହୋଇଛନ୍ତି। ଏହାକୁ ନେଇ ସକ୍ରେଟ ହାର୍ଟ ସ୍କୁଲ ସମେତ ରାୟଗଡ଼ା ସହରରେ ଖୁସି ପ୍ରକାଶ ପାଇଛି। କୃତୀ ଛାତ୍ରମାନେ ରବିବାର ରାୟଗଡ଼ାରେ ପହଞ୍ଚିବା ପରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ ଏବଂ ବିଭିନ୍ନ ସଙ୍ଗଠନର ପ୍ରତିନିଧି ଉପସ୍ଥିତ ରହି ଅଭିନନ୍ଦନ ଜଣାଇଥିଲେ। କୃତୀ ଛାତ୍ରମାନେ ହେଲେ ବି. କ୍ରାନ୍ତି କୁମାର, ଏମ୍. ଶ୍ରୀନିତ, କରନ ଯେଶାନି, କୁନାଲ ଯେଶାନି, ଲକ୍ଷ୍ମୀ ନାରାୟଣ ପାଣ୍ଡେ, ଓମକାର ସାହୁ, ସତ୍ୟରଞ୍ଜନ ରାୟ, ଶ୍ରୀସାନ୍ତ ଦାସ, ଆଦର୍ଶ ଟି ଆବ୍ରାହମ, ଚନ୍ଦନ ଭାତ୍ରା, ବରୁନ ଯେଶାନି, ଦିଲସେନ ଶବର ଟିମ୍ର ରହି ରାୟଗଡ଼ା ଜିଲା ପାଇଁ ଗୌରବ ଆଣିଛନ୍ତି। ସ୍କୁଲର ପ୍ରିନ୍ସିପାଲ ଫାଦର ଅନନ୍ତ ନାୟକଙ୍କ ନିର୍ଦ୍ଦେଶରେ ଶିକ୍ଷକ ଆଲୋକ ପରିଚ୍ଛାଙ୍କ ନେତୃତ୍ୱରେ ଟିମ୍ ରାଉରକେଲା ଯାଇଥିଲେ।

# ଉମରକୋଟରୁ ଲଦାଖ ବାଇକ୍ ଯାତ୍ରା

## ୭ ଦିନରେ ୨୬୦୦ କି.ମି. ଅତିକ୍ରମ ଲକ୍ଷ୍ୟ

ଉମରକୋଟ,୧୮।୯(ସ୍ୱ.ପ୍ର.)

ଉମରକୋଟ ସହରରୁ ତିନି ପୁରୁଷ ଓ ଜଣେ ମହିଳା ଲଦାଖ ଅଭିମୁଖେ ବାଇକ୍ ଯାତ୍ରା ଆରମ୍ଭ କରିଛନ୍ତି। ପ୍ରଥମ ଥର ଯୁବଗୋଷ୍ଠୀ ଉମରକୋଟରୁ ବାଇକ ଲଦାଖ ଅଭିମୁଖେ ଯାତ୍ରାରେ ବାହାରିଛନ୍ତି। ଏହି ୪ ବାଇକ୍ ଆରୋହୀ ୭ ଦିନରେ ୨୬୦୦ କି.ମି. ରାସ୍ତା ଅତିକ୍ରମ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସୂଚନା ଅନୁଯାୟୀ ଉମରକୋଟ ସହରର ସ୍ମିତା ଗୋଲଦାର, ତାଙ୍କ ସ୍ୱାମୀ ବିନୟ ଗୋଲଦାର, ଗୌରବ ବର୍ମା ଏବଂ ମୁନାୱାର ହୁସେନ ରବିବାର ଦିନ ୧୧ ଟାରେ ଉମରକୋଟରୁ ରାୟପୁର ଅଭିମୁଖେ ବାହାରିଛନ୍ତି। ସେଠାରୁ ସେମାନେ ଲଦାଖ ଅଭିମୁଖେ ଯିବେ। କମ୍ ବୟସରୁ ବାଇକରେ ଦୂରଯାତ୍ରା କରିବାକୁ ଲକ୍ଷ୍ୟ ଥିଲା। ତେଣୁ ଲଦାଖ ଯିବାକୁ ସ୍ଥିର କରି ଯାତ୍ରା ଆରମ୍ଭ କରିଛୁ ବୋଲି ଗୌରବ କହିଛନ୍ତି। ଏକମାସର ଯାତ୍ରାରେ ବାହାରିଥିବା ଏହି ଯୁବଗୋଷ୍ଠୀଙ୍କୁ ଉମରକୋଟ ସହରବାସୀଙ୍କ ଶୁଭେଚ୍ଛା ଜଣାଇଛନ୍ତି।



ତିନି ପୁରୁଷ ଏବଂ ଜଣେ ମହିଳା ଲଦାଖ ଅଭିମୁଖେ ବାହାରିଛନ୍ତି।

# ଇ-କେୱାଇସି ନେଇ ଚାଷୀଙ୍କୁ ସଚେତନ କରିବାକୁ ପରାମର୍ଶ

ତେନ୍ତୁଳିଖୁଣ୍ଟି, ୧୮।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ପ୍ରାୟ ୧୭ ହଜାର କୃଷକ ଓଡ଼ିଶାରେ ପଞ୍ଜୀକରଣ କରିନାହାନ୍ତି। ସେହିଭଳି ପ୍ରାୟ ୬ ହଜାର ଚାଷୀ ଇ-କେୱାଇସି କରିନାହାନ୍ତି। ଉକ୍ତ ଚାଷୀମାନେ କାଳିଆ, ପିଏମ୍ କିଷାନ ଯୋଜନାର ଟଙ୍କା ପାଇବେ ନାହିଁ। ମଣ୍ଡିରେ ଧାନ ବିକ୍ରି କରିପାରିବେନି। ଫାର୍ମର ଆଇଡି ଅକାମୀ ହୋଇଯିବ। ସାର ବିହନ ସୋସାଇଟିରୁ ନେଇପାରିବେ ନାହିଁ। କୃଷିଭିତ୍ତିକ ଯୋଜନାର ଲାଭ ପାଇବେ ନାହିଁ। ପ୍ରାକୃତିକ ବିପର୍ଯ୍ୟୟ ବେଳେ ସରକାରୀ ସୁବିଧାରୁ ବଞ୍ଚିତ ହେବେ ବୋଲି ତେନ୍ତୁଳିଖୁଣ୍ଟି କୃଷି ବିଭାଗ ପକ୍ଷରୁ କୃଷକ ସାଥୀଙ୍କୁ ନେଇ ଆୟୋଜିତ ବୈଠକରେ ଆଲୋଚନା କରାଯାଇଛି। ମୋ ସେବା କେନ୍ଦ୍ରରେ ପଞ୍ଜୀକରଣ କରିବା ସହ ଇ-କେୱାଇସି କରିବାକୁ କୃଷକଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଛନ୍ତି ଭାରପ୍ରାପ୍ତ କୃଷି ଅଧିକାରୀ କମଳଲୋଚନ ନାୟକ। ବ୍ଲକ କୃଷି ଅଧିକାରୀ ବରୁଣ ଧନପାଳ କୃଷକଙ୍କୁ ସଚେତନ କରାଇବାରେ ସାହାଯ୍ୟ କରିବାକୁ କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୃଷି ଓଭରସିୟର ହରିଶଙ୍କର ତ୍ରିପାଠୀ, ଧୀରେନ ବେହେରା, କୃଷି ଗ୍ରାମସେବକ ଜିତେନ୍ଦ୍ର ଟାକ୍ରୀ, ଏଟିଏମ୍ ବାଳ ଗୋବିନ୍ଦ ସାହୁ ଓ ଆଶିଷ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱାଗତ, ବିଦାୟକାଳୀନ ସମ୍ବର୍ଦ୍ଧନା

ଉମରକୋଟ, ୧୮।୯(ସ୍ୱ.ପ୍ର.)

ଉମରକୋଟ ବ୍ଲକ ପୂଜାରିଗୁଡା ଗୋଷ୍ଠୀ ସାଧନ କେନ୍ଦ୍ର ପକ୍ଷରୁ ଶିକ୍ଷକଙ୍କୁ ସ୍ୱାଗତ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସାତ ବର୍ଷ ସିଆରସିସି ଭାବେ କାର୍ଯ୍ୟ କରିଥିବା ରଞ୍ଜନ ଗୌଡ଼ଙ୍କ ଚୁକ୍ତି ସରିଯାଇଛି। ପୂଜାରୀଗୁଡ଼ା ସାଧନ କେନ୍ଦ୍ରକୁ କେ.ପୂର୍ଣ୍ଣଚନ୍ଦ୍ର ଆଚାରୀ ନୂତନ ସିଆର୍ସିସି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶୁକ୍ରବାର ପୂଜାରୀଗୁଡା ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସିଆର୍ସିସିଙ୍କୁ ବିଦାୟ ଓ ନୂତନ ସିଆର୍ସିସିଙ୍କୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏବିଇଓ ପୁରୁଷୋତ୍ତମ ମାଝି, ଶିବ ସୁବେଦାର, ଦେବାଶିଷ ଗୋଲଦାର, କାହ୍ନୁଚରଣ ମିଶ୍ର ଓ ପ୍ରାୟ ୪୦ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ।

# ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା

ଡାବୁଗାଁ, ୧୮।୯ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଦୀନ୍ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ମାଧ୍ୟମରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝି ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ। ନିଯୁକ୍ତି ପରାମର୍ଶ ମେଳା ମାଧ୍ୟମରେ କିପରି ରୋଜଗାରକ୍ଷମ ହୋଇପାରିବେ ସେ ସମ୍ପର୍କରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ କହିଥିଲେ। ସରକାରଙ୍କ ନିଯୁକ୍ତିମେଳା ଯୋଗୁ ପିଲାମାନେ କିପରି ରୋଜଗାରକ୍ଷମ ହୋଇପାରିବେ ସେ ବିଷୟରେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ କହିଥିଲେ। ଏହି ମେଳାରେ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଶୋଇ, ଏମ୍ପିଙ୍କ ପ୍ରତିନିଧି ଏମ୍. ଆପ୍ପାରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବିଡିଓ ଶରତ ମାଝି, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ୫ଟି ତାଲିମ ଏଜେନ୍ସି ଯୋଗଦେଇଥିଲେ। ବ୍ଲକରୁ ମୋଟ ୧୬୫ ଜଣ ଯୁବତୀ ଯୁବକ ବିଭିନ୍ନ ବିଭାଗରେ ତାଲିମ ନେବା ପାଇଁ ମନୋନୀତ ହୋଇଛନ୍ତି। ଏଥିରେ ପୂର୍ବତନ ସଫଳ ପ୍ରଶିକ୍ଷାର୍ଥୀ ନିଜ ନିଜର ଅନୁଭୂତି କହିଥିଲେ। କାର୍ଯ୍ୟକ୍ରମକୁ ଏବିଡିଓ ପଦ୍ମନାଭ ତ୍ରିପାଠୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅତିଥିମାନେ ପଞ୍ଚାୟତ ସମିତି ଅତିରିକ୍ତ ଗୃହ ଉଦ୍ଘାଟନ କରିଥିଲେ।

# ବିଷମକଟକ ବ୍ଲକରେ ଦେଶଭକ୍ତି ପରିବେଶ

## ଅହିଂସା ରଥକୁ ସ୍ୱାଗତ

ବିଷମକଟକ/ଦୁର୍ଗୀ, ୧୮।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲାରେ ଅହିଂସା ରଥ ରବିବାର ଦ୍ୱିତୀୟ ଦିନରେ ବିଷମକଟକ ବ୍ଲକରେ ପହଞ୍ଚି ଗାନ୍ଧିଜୀଙ୍କ ଅହିଂସା ନୀତି ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗର ବାର୍ତ୍ତା ପ୍ରଚାର କରିଛି। ପ୍ରଥମେ କୁମ୍ଭାରଢାମୁଣିରେ ବ୍ଲକ ପ୍ରଶାସନ, ଲୋକ ପ୍ରତିନିଧି ଏବଂ ଜନସାଧାରଣଙ୍କ ଦ୍ୱାରା ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହାପରେ ରଥ ଦୁର୍ଗୀ ପଞ୍ଚାୟତରେ ପହଞ୍ଚିଥିଲା। ଦୁର୍ଗୀ ଜଗନ୍ନାଥ ମନ୍ଦିର ଠାରେ ବିଭିନ୍ନ ସରକାରୀ ଓ ବେସରକାରୀର ଛାତ୍ରୀଛାତ୍ର, ଏସ୍ଏଚ୍ଜି ମହିଳା, ଅଙ୍ଗନୱାଡି କର୍ମୀ ଏବଂ ଓଏଲ୍ଏମ୍ କର୍ମଚାରୀ, ଦୁର୍ଗୀ ଓ ଡୁମୁରୁନେଲି ପଞ୍ଚାୟତର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଅହିଂସା ରଥକୁ ସସମ୍ମାନରେ ସ୍ୱାଗତ କରିଥିଲେ।

ଛାତ୍ରୀଛାତ୍ରମାନେ ବିଭିନ୍ନ ବେଶ ଧାରଣ କରି ଦେଶାତ୍ମବୋଧ ସଙ୍ଗୀତ ଗାନ କରି ନୃତ୍ୟ ପରିବେଷଣ କରିଥିଲେ। ଜଗନ୍ନାଥ ମନ୍ଦିର ନିକଟରେ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଜିଲା ପରିଷଦ ସଭ୍ୟା ବିଜୟଶାନ୍ତି କୁମୁରୁକା ଓ ସରପଞ୍ଚ ବିଜୟ କୁମୁରୁକା ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଏଠାରୁ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ବିରାଟ ପଟୁଆରରେ ରଥକୁ ନିଆଯାଇଥିଲା। ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅହିଂସା ରଥ ଦୁର୍ଗୀ ଅଞ୍ଚଳ ପରିକ୍ରମା କରି ଡୁମୁରିନେଲି, ସାହାଡ଼ା, ଡୁକୁମ ପଞ୍ଚାୟତ ବୁଲି ସନ୍ଧ୍ୟାରେ ବିଷମକଟକରେ ପହଞ୍ଚିଥିଲା। ସରକାରୀ ୟୁ.ପି. ସ୍କୁଲର ଛାତ୍ରୀଛାତ୍ର ୫୦ ମିଟର ଲମ୍ବ ଜାତୀୟ ପତାକା ଧରି ଅହିଂସା ରଥକୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ସେଠାରୁ ବିଶାଳ ଶୋଭାଯାତ୍ରାରେ ରଥକୁ ପାଛୋଟି ନିଆଯାଇଥିଲା। ଅହିଂସା ରଥ ମଧ୍ୟମରେ ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ ଓ ସଂଗ୍ରାମର ଇତିହାସ ଉପରେ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। ସସମ୍ମାନରେ ରଥକୁ ବିଦାୟ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ ସଦାଶିବ ନାୟକ, ଥାନା ଅଧିକାରୀ ସୁମତି ମହାନ୍ତି, ଡିଆଇପିଆରଓ ବସନ୍ତ କୁମାର ପ୍ରଧାନ, ବିଇଓ ବଟକୃଷ୍ଣ ପାତ୍ର, ଡିକେଡିଏର ନୋଡାଲ ଅଫିସର ସୁଦର୍ଶନ ପାଢ଼ୀ, ବିଷମକଟକ ସରପଞ୍ଚ ନମିତା କୁଲେଶିକା, ଉପାଧ୍ୟକ୍ଷ ଦେବୀ ପଟ୍ଟନାୟକ, ବିଷମକଟକ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ ବୈଦ୍ୟଭୂଷଣ, ସିପି ଗୋପୀନାଥ ଗୌଡ଼, କାର୍ଯ୍ୟକ୍ରମର ନୋଡାଲ ଅଫିସର ଦେବଦତ୍ତ ଲେଙ୍କା, ଦୁର୍ଗୀ ପିଇଓ ପ୍ରମୋଦ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବିଷମକଟକ ଠାରେ ଅହିଂସା ରଥକୁ ସ୍ୱାଗତ କରାଯାଇଛି।



ଦୁର୍ଗୀଠାରେ ଭାରତ ମାତା ଏବଂ ଗାନ୍ଧିଙ୍କ ବେଶରେ ଦୁଇ ଛାତ୍ରୀଛାତ୍ର।

## ଥେରୁବାଲିରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ

ରାୟଗଡ଼ା ଅଫିସ,୧୮।୯

ଅହିଂସା ରଥ ରବିବାର ଥେରୁବାଲି ଅଞ୍ଚଳ ପରିକ୍ରମା କରିଥିଲା। ଡିପି କ୍ୟାମ୍ପ ବ୍ରିଜ୍ ଠାରେ ଅଞ୍ଚଳବାସୀ, ପଞ୍ଚାୟତ ରାଜ ପ୍ରତିନିଧି ଓ ଇମ୍ଫା କମ୍ପାନୀ କର୍ମକର୍ତ୍ତା ଉପସ୍ଥିତ ରହି ରଥକୁ ସ୍ୱାଗତ କରିଥିଲେ। ସଙ୍କୀର୍ତ୍ତନ ମଣ୍ଡଳୀ, ଆଦିବାସୀ ନୃତ୍ୟଦଳ, ବାଦ୍ୟ ମଣ୍ଡଳୀ, ଥେରୁବାଲି ମଟର ଚାଳକ ସଂଘ, ସରକାରୀ ଇମ୍ଫା ଉଚ୍ଚ ବିଦ୍ୟାଳୟ, ସରକାରୀ ଇମ୍ଫା ୟୁପି ସ୍କୁଲ, ସିଲିପୁଟ ସରକାରୀ ୟୁପି ସ୍କୁଲ, ସେଞ୍ଚୁରିଅନ ପବ୍ଲିକ ସ୍କୁଲ, ଚିଲ୍ଡ୍ରେନ୍ ପାରାଡାଇଜ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଥେରୁବାଲି ସରକାରୀ ଆଶ୍ରମ ସ୍କୁଲର ଛାତ୍ରୀଛାତ୍ର ୫୦ ମିଟର ଲମ୍ବା ତ୍ରିରଙ୍ଗା ପତାକା ଧରି ମୃଦଙ୍ଗ ଓ ଚାଙ୍ଗୁବାଦ୍ୟର ତାଳେତାଳେ ପଦଯାତ୍ରାରେ ରଥକୁ ପାଛୋଟି ନେଇ ଡିପି କ୍ୟାମ୍ପ ଛକରେ ପହଞ୍ଚିଥିଲେ। ସେଠାରୁ ବିଶାଳ ଶୋଭାଯାତ୍ରାରେ ଆସି ଅଙ୍ଗନୱାଡି କର୍ମୀ, ଏସ୍ଏଚ୍ଜି ମହିଳା, ବରିଷ୍ଠ ନାଗରିକମାନେ ରଥକୁ ପାଛୋଟି ନେଇଥିଲେ। ରାୟଗଡ଼ା ଉପଜିଲାପାଳ ଭୀମସେନ ଶବରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲ। ଇମ୍ଫାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଉପସଭାପତି ଆଶିଷ କୁମାର ରାୟ ଅହିଂସା ରଥରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ଓ ସଙ୍ଗୀନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଇମ୍ଫାର ଲୋକ ସମ୍ପର୍କ ଅଧିକାରୀ ଶକ୍ତି ପାଣିଗ୍ରାହୀ ଓ ପଲ୍ଲୀ ବିକାଶ ଚାଇଲ୍ଡଲାଇନର ନିର୍ଦ୍ଦେଶକ ରାଧାଶ୍ୟାମ ପଣ୍ଡା ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ୧୭୦ ଲିଟର ସଲପ ତାଡି ଜବତ:୨ ଗିରଫ

କୋରାପୁଟ,୧୮।୯(ସ୍ୱ.ପ୍ର.) କୋରାପୁଟ ଅବକାରୀ ବିଭାଗ ପକ୍ଷରୁ ଦାମନଯୋଡି ଥାନା ଅଞ୍ଚଳରେ ଚଢାଉ କରାଯାଇ ଏକ ଅଟୋ ସହ ୧୭୦ ଲିଟର ସଲପ ତାଡି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଓଆଇସି ତେଜସ୍ୱିନୀ ପ୍ରଧାନ କହିଛନ୍ତି। ଗିରଫ ଦୁଇ ଅଭିଯୁକ୍ତ ହେଲେ କୋରାପୁଟ ଜିଲା ଦେଓପଟ୍ଟାଙ୍ଗି ଗ୍ରାମର ବିନୋଦ ଖିଲ ଓ ଚନ୍ଦ୍ର ଛାତି। ସେମାନେ ଭେଜା ଗ୍ରାମରୁ ସଲପତାଡି ବିକ୍ରି ପାଇଁ ଦାମନଯୋଡି ହାଟକୁ ନେଉଥିବା ସମୟରେ ଅବକାରୀ ବିଭାଗ କର୍ମଚାରୀଙ୍କ ହାତରେ ଧରାପଡିଥିଲେ।

## ଇଞ୍ଜିନିୟର ଦିବସ ପାଳିତ

ଜୟପୁର,୧୮।୯ (ନି.ପ୍ର.)- ଜୟପୁରସ୍ଥିତ ଓଡ଼ିଶା ବିତରଣ ଲିମିଟେଡ ଟି.ପି . ଦକ୍ଷିଣାଞ୍ଚଳ ପକ୍ଷରୁ ୫୫ତମ ଇଞ୍ଜିନିୟର ଦିବସ ପାଳିତ ହୋଇଯାଇଛି। ଏଥିରେ ଦକ୍ଷିଣାଞ୍ଚଳ କେନ୍ଦ୍ରର ଜୟପୁର ଡି.ଜି.ଏମ. ମନ୍ମଥନାଥ ମିଶ୍ର, ନିର୍ବାହୀଯନ୍ତ୍ରୀ ବରୁଣ ଚୌଧୁରୀ, ଜିଆରଏଫ ଅଧକ୍ଷ ଟି . ତପନ ରଶ୍ମି ସୁବୁଦ୍ଧି, ଅବସରପ୍ରାପ୍ତ ପୂର୍ବତନ ବୈଦ୍ୟୁତିକ ଅଧିକାରୀ କେଦାରନାଥ ବେହେରା, ବି.ସି ଜେନା, ବସନ୍ତ ମହାପାତ୍ର, ପ୍ରଦୀପ ଖମାରି ଉପସ୍ଥିତ ଥିଲେ। ମଞ୍ଚାସିନ ଅଧିକାରୀମାନେ ଅତୀତ ଓ ବର୍ତ୍ତମାନର ପ୍ରଯୁକ୍ତି ବିଦ୍ୟା ଉପରେ ମତ ରଖିଥିଲେ। ନୂତନ ପିଢ଼ିର ଯୁବ ଇଂଜିନିୟରମାନଙ୍କୁ ନିଜ ବୈଦ୍ୟୁତିକ ଓ ସାଙ୍ଗଠାନିକ ଅନୁଭୂତି ଶୁଣାଇଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷ ମହାନ୍ତି ଓ ସୌମ୍ୟ ରଞ୍ଜନ ଲେଙ୍କା ପରିଚାଳନା କରିଥିଲେ। ସୁରକ୍ଷା ଅଧିକାରୀ ପ୍ରମୋଦ ବେହେରା, ବିଶ୍ୱଜିତ ମେଣ୍ଡୁଲି, ହିମାଂଶୁ ପ୍ରଧାନ, ଦିବ୍ୟଜ୍ୟୋତି ମହାପାତ୍ର, ପ୍ରମିତ ଦାସ, ଅମିୟ ଗିରି, ଶୁସିଲ ନାୟକ, ବୀରେନ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଦିବାସୀ ଭତରା ବିକାଶ ପରିଷଦର ନୂଆଁଖାଇ ଭେଟଘାଟ୍ ନେଇ ବୈଠକ

କୋଟପାଡ଼,୧୮।୯ (ଡି.ଏନ.ଏ.)- କୋରାପୁଟ ଜିଲ୍ଲା ଅଖିଳ ଭାରତୀୟ ଆଦିବାସୀ ଭତରା ବିକାଶ ପରିଷଦ ପକ୍ଷରୁ ଚଳିତ ବର୍ଷର ସାମୂହିକ ନୂଆଁଖାଇ ଭେଟଘାଟ ସକାଶେ ରବିବାର ପରିଷଦ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ଭତରା ସମ୍ପ୍ରଦାୟର ପ୍ରାୟ ୫ଶହରୁ ଉର୍ଦ୍ଧ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆସନ୍ତା ୨୩।୧୦।୨୨ରେ ନୂଆଁଖାଇ ଭେଟଘାଟ କୋଟପାଡ କାର୍ଯ୍ୟାଳୟଠାରେ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଜିଲା ସଭାପତି ନୀଳକଣ୍ଠ ପୂଜାରୀ ସଭାପତିତ୍ୱ



କରିଥିଲେ। ଜିଲା କାର୍ଯ୍ୟକାରିଣୀ କମିଟିର ଜିଲା କାର୍ଯ୍ୟକାରୀ ସଭାପତି ମଙ୍ଗରାଜ ରନ୍ଧାରୀ, ସାଧାରଣ ସମ୍ପାଦକ ରୁପୁ ଭତରା, ସହ ସମ୍ପାଦକ ବଳରାମ ଭତରା, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, ପଞ୍ଚାୟତ ସମିତି ଅଧକ୍ଷା କମଳା ଭତରା, ଜିଲା ପରିଷଦ ସଭ୍ୟା ଗୀତା ମାଝୀ, ସରପଞ୍ଚ ବନିତା ନାୟକ, ଦିନମଣି ରନ୍ଧାରୀ, ବୁଦାଇ ମାଝୀ, ଜଗମୋହନ ମାଝୀ, କୋଟପାଡ଼ ବ୍ଲକ ସଭାପତି ନୀଳକଣ୍ଠ ଚଲାଣ, ଉପ ସଭାପତି ସନାରୁ ପୂଜାରୀ (ମହାନାୟକ), ଉପ ସଭାପତି ରାଜମୋହନ ଭଣ୍ଡାରୀ, ସମ୍ପାଦକ ବାଳକୃଷ୍ଣ ମାଝୀ, କୁନ୍ଦୁରା ବ୍ଲକ ସଭାପତି ତୁଳାରାମ ମାଝୀ, ଉପ ସଭାପତି କୃପାସିନ୍ଧୁ ଭତରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥିସହ କୋଟପାଡ଼ ଏନଏସି ସଭାପତି ଭୀମ ମାଝୀ, ଜୟପୁର ବ୍ଲକ ସମ୍ପାଦକ ସଦାଶିବ ନାୟକ, ଜୟପୁର ପୌରପାଳିକା ଭତରା ସମାଜର କମିଟି ସମ୍ପାଦକ ଚନ୍ଦ୍ରଧ୍ୱଜ ଭତରା, ଜଗଦୀଶ ପୂଜାରୀ, ମଦନ ମାଝୀ, ହରିବନ୍ଧୁ ନାୟକ ମଧ ଉପସ୍ଥିତ ଥିଲେ।

# ଜାଲ୍ ଡ୍ରାଇଭିଂ ଲାଇସେନ୍ସ ଜାଲରେ ୨ ଯୁବକ

ବୈପାରିଗୁଡା,୧୮।୯ (ଡି.ଏନ୍.ଏ)



ଜାଲ୍ ଲାଇସେନ୍ସ ଦେଖାଉଛନ୍ତି ଠକାମିର ଶିକାର ହୋଇଥିବା ୨ ଯୁବକ।

- ଅସହାୟତାର ସୁଯୋଗ ନେଇ ଫାଇଦା ଉଠାଉଛନ୍ତି
- ୫ ହଜାରରୁ ୧୦ ହଜାର ଦେଲେ ମିଳୁଛି ଲାଇସେନ୍ସ
- ଆରଟିଓର ଅପାରଗତା ଦାୟୀ ବୋଲି ପ୍ରକାଶ ପାଉଛି ମତ

ସଡକ ଦୁର୍ଘଟଣା ଏଡାଇବା ପାଇଁ ପରିବହନ ବିଭାଗ ପକ୍ଷରୁ କଠୋର ଆଇନ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ସମୟରେ ଟ୍ରାଫିକ୍ ଓ ପୋଲିସ୍ ପକ୍ଷରୁ ମଧ ଯାଞ୍ଚ କରାଯାଇ ଆଇନ ଖିଲାପକାରୀଙ୍କଠାରୁ ଜରିମାନା ଆଦାୟ ହେଉଛି। ଯାଞ୍ଚରୁ ବର୍ତ୍ତିବା ଲାଗି କୋରାପୁଟ ଜିଲାର ବିଭିନ୍ନ ଉପାନ୍ତ ଅଞ୍ଚଳରେ ଜାଲ୍ ଡ୍ରାଇଭିଂ ଲାଇସେନ୍ସ ପ୍ରସ୍ତୁତକାରୀ ଆଡ୍ଡା ଜମାଇଛନ୍ତି। ଏପରି ଦେଖିବାକୁ ମିଳିଛି ଜିଲାର ବୈପାରିଗୁଡା ବ୍ଲକରେ।

ଡ୍ରାଇଭିଂ ଲାଇସେନ୍ସପାଇଁ ଅନଲାଇନରେ ଆବେଦନ କରାଯାଇଥାଏ। ପ୍ରଥମେ ଲର୍ନି ଲାଇସେନ୍ସ ପାଇବାର କିଛି ମାସ ପରେ ଡିଏଲ୍ ଲାଇସେନ୍ସ ପାଇଁ ଆବେଦନ କରିବାକୁ ହୋଇଥାଏ। ଏସବୁ ଆବେଦନ ବେଳେ ସ୍ଲଟ୍ ବୁକିଂ କରାଯାଏ। ନିର୍ଦ୍ଧାରିତ ଦିନରେ ଲର୍ନି ଲାଇସେନ୍ସ ଆବେଦନକାରୀମାନେ କୋରାପୁଟ ଆରଟିଓ ଅଫିସ୍ ଯାଇ ଅନ୍ ଲାଇନ୍ ଟେଷ୍ଟ ଦେଇଥାନ୍ତି। ସେହିପରି ଡିଏଲ୍ ଟେଷ୍ଟ ବେଳେ ଆବେଦନକାରୀଙ୍କୁ ସେଠାରେ ଗାଡି ଚଲାଇବାକୁ ପଡେ। ତେବେ ସାମାନ୍ୟ କମ୍ପ୍ୟୁଟର ଜ୍ଞାନ ନ ଥିବା ତଥା ଟ୍ରାଫିକ୍ ନିୟମ ଜାଣି ନ ଥିବା ଉପାନ୍ତ ଅଞ୍ଚଳର ଆଦିବାସୀ ଯୁବକମାନେ ଟେଷ୍ଟରେ ଫେଲ୍ ହୋଇଥାନ୍ତି। ଡ୍ରାଇଭିଂ ଲାଇସେନ୍ସ ନ ଥିବା କାରଣରୁ ଟ୍ରାଫିକ୍ ଯାଞ୍ଚ ବେଳେ ଜରିମାନା ଦେଇଥାନ୍ତି। ସେମାନଙ୍କ ଏପରି ଅସହାୟତାର ସୁଯୋଗ ନେଇ କିଛି ଅସାଧୁ ବ୍ୟକ୍ତି ଜାଲ୍ ଡ୍ରାଇଭିଂ ଲାଇସେନ୍ସ ର୍‍ୟାକେଟ୍ ଚଳାଇଛନ୍ତି। ଜିଲାର ବୈପାରୀଗୁଡା, ଲମତାପୁଟ୍, ନନ୍ଦପୁର ଅଞ୍ଚଳର ଆଦିବାସୀ ଯୁବକମାନେ ଏହି ଜାଲରେ ଫସୁଛନ୍ତି। ଲାଇସେନ୍ସ ପାଇଁ ଆରଟିଓ ଅଫିସକୁ ନ ଯାଇ ସେମାନେ ବିନା ଟେଷ୍ଟରେ ନକଲି ଲାଇସେନ୍ସ ପାଉଛନ୍ତି। ଏଥିପାଇଁ ସେମାନଙ୍କଠାରୁ ୫ ରୁ ୧୦ ହଜାର ଟଙ୍କା ଆଦାୟ କରାଯାଉଛି। ଏପରି ଘଟଣାର ଶିକାର ହୋଇଛନ୍ତି ବୈପାରିଗୁଡା ବ୍ଲକର ୨ ଜଣ ଆଦିବାସୀ ଯୁବକ। ସେମାନେ ହେଲେ ବ୍ଲକର ଟିପାକୁର ପଞ୍ଚାୟତ ଅନ୍ତର୍ଗତ କୁମୁଡା ଗ୍ରାମର ଭଗବାନ ଖରା ଏବଂ ମାଠପଡା ପଞ୍ଚାୟତ ନିଶିନା ଗ୍ରାମର ସନ୍ତୋଷ କିର୍ଷାନି।

ଭଗବାନ ପାଇଥିବା ଲାଇସେନ୍ସ ନଂ. ଓଡି୧୦ ୨୦୨୨୦୦୦୯୦୫୩ ହୋଇଥିବା ବେଳେ ସନ୍ତୋଷଙ୍କ ଲାଇସେନ୍ସ ନଂ ଓଡି୧୦ ୨୦୨୨୦୦୦୯୦୫୧ ବୋଲି ଜଣାପଡିଛି। ଉଭୟ ୨ ଚକିଆ ଓ ୪ ଚକିଆ ଯାନ ଚଳାଇବା ଲାଗି ଏହି ଲାଇସେନ୍ସ ପାଇଛନ୍ତି। ତେବେ ଯାଞ୍ଚ କରିବା ପରେ ଏସବୁ ନକଲି ବୋଲି ଜଣାପଡିଛି। ଏଥିପାଇଁ ପ୍ରତ୍ୟେକ ୫ ହଜାର ଟଙ୍କା ଲେଖାଏ ଜରିମାନା ଦେଇଥିବା ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ଗତବର୍ଷ ଲକ୍ ଡାଉନ ସମୟରେ ଜୟପୁର ନିକଟସ୍ଥ ବାରିଣିପୁଟ ଗ୍ରାମରୁ ଜଣେ ଯୁବକ ଏକ ଲାପଟପ ଧରି ନିଶନା ଗ୍ରାମକୁ ଆସିଥିଲେ। ସେଠାରେ ବିନା ପରୀକ୍ଷାରେ ଡ୍ରାଇଭିଂ ଲାଇସେନ୍ସ କରାଇ ଦେବେ କହିବାରୁ ଆଖପାଖ ଅଞ୍ଚଳ ଯଥା ଟିପାକୁର ପଞ୍ଚାୟତ ରବରଟି, ଦୁଧବେଡା, କୁଦାଲଯୋଡି ଏବଂ ମାଠପଡା ପଞ୍ଚାୟତର ରୂପଗୁଡା, ନିଶନା, ଖରାଗୁଡା ଓ ବେରଙ୍ଗାପଦର ଗ୍ରାମର ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଯୁବକ ଜମା ହୋଇଥିଲେ। ସେମାନଙ୍କଠାରୁ ଆଧାର କାର୍ଡ ସଂଗ୍ରହ କରି କିଛି ଅଗ୍ରିମ ଟଙ୍କା ନେଇ ସେମାନଙ୍କ ବାରିଣିପୁଟସ୍ଥିତ ଅନ୍‌ଲାଇନ୍ ଦୋକାନକୁ ଆସିବାକୁ କହିଥିଲେ। ଜୟପୁର-କୋରାପୁଟ ଜାତୀୟ ରାସ୍ତା କଡରେ ସମ୍ପୃକ୍ତ ୨ ଯୁବକଙ୍କ ଏକ ଅନଲାଇନ୍ ଦୋକାନ ରହିଛି । ଏଠାରେ ସମାନ୍ତରାଳ ଭାବେ ଆରଟିଓ ଅଫିସ ଚାଲୁଛି । ସେଠାରେ ଫଟୋ ଉଠାଯାଇ ବିନା ଲର୍ନିରେ ଅଳ୍ପ ସମୟରେ ଡିଏଲ୍ ମିଳୁଛି। ବୈପାରିଗୁଡା ବ୍ୟତୀତ ଲମତାପୁଟ, ନନ୍ଦପୁର,ମାଛକୁଣ୍ଡ ଅଞ୍ଚଳର ଯୁବକମାନେ ଏପରି ଠକାମିର ଶିକାର ହୋଇଛନ୍ତି। ତେବେ ଜାତୀୟ ରାଜପଥ କଡରେ ଏପରି ଜାଲ୍ କାରବାର ଚାଲୁଥିବାବେଳେ ପରିବହନ ଓ ପୋଲିସ କିପରି ଜାଣିପାରୁନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଆରଟିଓ ପ୍ରସନ୍ନ ଦାସଙ୍କୁ ପଚାରିବାରୁ ସେ କହିଲେ, ଲୋକମାନେ ଥାନାରେ ଏତଲା ଦେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଦିବାୟୀ ଜନଜାତିଙ୍କ ଆର୍ଥିକ ସ୍ୱାବଲମ୍ବୀ ନେଇ କର୍ମଶାଳା

କୁଡୁମୁଲୁଗୁମ୍ମା,୧୮।୯(ଡି.ଏନ.ଏ.)

କୁଡୁମୁଲୁଗୁମ୍ମାସ୍ଥିତ ଦିବାୟୀ ଉନ୍ନୟନ କାର୍ଯ୍ୟାଳୟ ପରିସରରେ ଦିବାୟୀ ଜନଜାତିଙ୍କ ଆର୍ଥିକ ସଶକ୍ତୀକରଣ ନେଇ ରୋଜଗାରଭିତ୍ତିକ କର୍ମଶାଳାକୁ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ରୂପେ ବ୍ଲକ ଅଧକ୍ଷ ମହେଶ ବାକା, ଖଇରପୁଟ ଜୋନ୍ ଜିଲା ପରିଷଦ ସଭ୍ୟ ବଳୀ ମାଝି, କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଡ଼ୀ, ପରିବର୍ତ୍ତନର ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ, ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, କୁଡୁମୁଲୁଗୁମ୍ମା ଦିବାୟୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପରିଚାଳକ ରାଜେଶ ରୋଶନ ପଟ୍ଟନାୟକ, ଓଡ଼ିଶା ଜୀବିକା ମିଶନର ପର୍ଶୁରାମ ବେହେରା, ସାମାଜିକ ସଂଗଠକ ସୁନୀଲ ଦୁନା, କନିଷ୍ଠ କୃଷି ଅଧିକାରୀ ବିସ୍ମୟ ରଞ୍ଜନ ପଣ୍ଡା, ରଞ୍ଜିତ ପ୍ରଧାନ ଓପିଏଲିପିର ସଂଯୋଜକ ରାମହରି ବଳ ପ୍ରମୁଖ ଯୋଗଥିଲେ। କାର୍ଯ୍ୟକ୍ରମ ମାଧମରେ ଦିବାୟୀ ସମ୍ପ୍ରଦାୟର ୪୦ଜଣ ବ୍ୟକ୍ତିଙ୍କୁ ଜଣଙ୍କୁ ୨୭ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ୧୦ଟିଦିବାୟୀ ସ୍ୱୟଂ ସହାୟକ ଗୋଷ୍ଠୀକୁମଧ ମୋଟ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଚେକ୍‌ମାଧମରେ ପ୍ରଦାନ କରାଯାଇଥିଲା।

# ପୁଣି ଭିଟାମାଟି ଛାଡ଼ି ଦାଦନମୁହାଁ ୧୨ଶ୍ରମିକ



ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାହାରିଥିବା ଶ୍ରମିକମାନେ ।

ଦଶମନ୍ତପୁର,୧୮।୯( ଡିଏନଏ )

ଗ୍ରାମରେ କୌଣସି କାମ ମିଳୁନି। ଯେଉଁ ଠିକାଦାରଙ୍କ ପାଖରେ କାମ ମିଳୁଛି ସେ ମଜୁରି ଦେଉନାହାନ୍ତି। ଏପରି ସ୍ଥଳେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ୨ ପଞ୍ଚାୟତର ୧୨ ଜଣ ଶ୍ରମିକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଇଛନ୍ତି। ବ୍ଲକର ଗିର୍ଲିଗୁମା ପଞ୍ଚାୟତ ରତାବନ୍ଧ ଗ୍ରାମ ଏବଂ ଚିକାମ୍ବ ପଞ୍ଚାୟତର ଗୁନର ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଆମର ଏହି ୨ ପଞ୍ଚାୟତକୁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କାର କାର୍ଯ୍ୟ ଆସୁଥିଲେ ହେଁ ଆମକୁ କାମ ମିଳୁନାହିଁ। ବୋଲି ଚିକାମ୍ବ ପଞ୍ଚାୟତ ଗୁନର ଗ୍ରାମର ଟୁଟୁ ଜାନି, ନଗ ଜାନି, ମିରୁ ଜାନି, ଭାଗୀରଥି ଦିଶାରୀ, ଜୟସେନ ଦିଶାରୀ, ସଞ୍ଜିତ ମୁଦୁଲି, ସହଦେବ ମୁଦୁଲି,ଧନୁ ଜାନି ପ୍ରମୁଖ ଅଭିଯୋଗ କରିଛନ୍ତି। କାମ ମିଳୁ ନ ଥିବାରୁ ପରିବାର ପୋଷଣ ଲାଗି ଗିର୍ଲିଗୁମା ପଞ୍ଚାୟତ ରତାବୋନ୍ଧ ଗ୍ରାମର ବାଘ ମୁଦୁଲି, ସୁବାସ ପରିଜା, ଚକିତ ମୁଦୁଲି ଏବଂ ଅନନ୍ତ ମୁଦୁଲି କହିଛନ୍ତି ଯେ, କାମ ଅଭାବରୁ ଆମେ ୨ ପଞ୍ଚାୟତର ୧୨ ଜଣ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ହାଇଦ୍ରାବାଦ ଯିବାକୁ ବାଧ ହେଉଛୁ। ସୂଚନାଯୋଗ୍ୟ, ୨୬।୮।୨୨ରେ ଗିର୍ଲିଗୁମ୍ମା ପଞ୍ଚାୟତ କୋଲାଟି ଗ୍ରାମରୁ ୧୧ ଜଣ ଏବଂ ୨।୯।୨୨ରେ ସେହି ଗ୍ରାମରୁ ୧୫ ଜଣ ଶ୍ରମିକ ଭିଟାମାଟି ଛାଡ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି।

## ଅମଲା ପାଣ୍ଠି ଅପବ୍ୟବହାରର ଖୁବ୍ ଶୀଘ୍ର ପର୍ଦ୍ଦାଫାଶ ହେବ: ସଂଘ

ଜୟପୁର,୧୮।୯ (ନି.ପ୍ର.)

ଓଡ଼ିଶା ଅମଲା ସଂଘ ଜୟପୁର ଉପଖଣ୍ଡ ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କର୍ମଚାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ତଥା କୋରାପୁଟ ଜିଲା ଅମଲା ସଂଘ ସମ୍ପାଦକ ଶଶୀଭୂଷଣ ଦାଶ ଅଧକ୍ଷତା କରିଥିଲେ। ଜୟପୁର ଉପଖଣ୍ଡର ବିଭିନ୍ନ କାର୍ଯ୍ୟାଳୟର ଅମଲାମାନେ ଯୋଗ ଦେଇ ନିଜ ମତ ରଖିଥିଲେ। ମୁଖ୍ୟତଃ ପୂର୍ବତନ ସଭାପତି ଓ ସମ୍ପାଦକଙ୍କ କାର୍ଯ୍ୟକାଳ ସରିବା ପରେ ମଧ ସେ ବର୍ତ୍ତମାନ ସୁଦ୍ଧା ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବା ଓ ସଂଘ ବିରୋଧୀ କାର୍ଯ୍ୟ କରୁଥିବା ନେଇ ସମସ୍ତେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଅମଲା ପାଣ୍ଠିର ଅପବ୍ୟବହାର, ହେରଫେର କରିଥିବା ଘଟଣାକୁ ସମସ୍ତେ ନିନ୍ଦା କରି ସେ ଅମଲା ପାଣ୍ଠିର ହିସାବ



ଖୁବ ଶୀଘ୍ର ନ ଦେଲେ ଅସନ୍ତୋଷ ତୀବ୍ର ରୂପ ନେବ ବୋଲି ପ୍ରକାଶ କରିଥିଲେ। ସଂଘ ସଦସ୍ୟଙ୍କ ଉଦ୍‌ବେଗକୁ ଲକ୍ଷ କରି ଖୁବ୍ ଶୀଘ୍ର ଏହି ପାଣ୍ଠି ହେରଫେର ମାମଲାର ସମାଧାନ ହେବ ବୋଲି ସମ୍ପାଦକ ମିଶ୍ର ପ୍ରକାଶ କରିଥିଲେ। ସୁଦର୍ଶନ ସାହୁ, ସଞ୍ଜୟ ପଣ୍ଡା, ବୃନ୍ଦାବନ ପଣ୍ଡା,ବାଳ ଗୋପାଳ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଜାଦୀ କା ଅମୃତ ମହୋତ୍ସବ ପ୍ରତିଯୋଗିତାର ପୁରସ୍କାର ବଣ୍ଟନ

ମାଲକାନଗିରି, ୧୮।୯(ଡି.ଏନ୍.ଏ.)

ନୀତି ଆୟୋଗ ଦ୍ୱାରା ଜାରି ମାର୍ଗଦର୍ଶିକା ଅନୁସାରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରୀ ମଧରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏହି ପ୍ରତିଯୋଗିତାଗୁଡିକର କୃତୀ ପ୍ରତିଯୋଗୀଙ୍କୁ ଶନିବାର ପୁରସ୍କାର ବିତରଣ କରାଯାଇଛି। କନିଷ୍ଠ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରବନ୍ଧ, ତର୍କ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଫଳକ ସହିତ ନଗଦ ଟଙ୍କା ଦେଇ ପୁରସ୍କୃତ କରାଯାଇଛି। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଉପ ନିର୍ଦ୍ଦେଶକ ତଥା ନୋଡାଲ ଅଧିକାରୀ ହରମୋହନ ବିଶ୍ୱାଳ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ତର୍କ ବିଭାଗରେ ମାଲକାନଗିରି ଜବାହର ନବୋଦୟ ବିଦ୍ୟାଳୟ-୧ର ଆସ୍ଥା ବାରିକ ପ୍ରଥମ , ଉଚ୍ଚ ବିଦ୍ୟାଳୟ ମାଲକାନଗିରିର ସତ୍ୟଜିତ ମିଶ୍ର ଦ୍ୱିତୀୟ, ମାଲକାନଗିରି ବାଳିକା ଉଚ୍ଚ ମାଧମକ ବିଦ୍ୟାଳୟର ବର୍ଷା ବାଚଲିକା ବିଜୟଲକ୍ଷ୍ମୀ ବାଇ ତୃତୀୟ ହୋଇଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ଜବାହର ନବୋଦୟ ବିଦ୍ୟାଳୟ-୧ ମାଲକାନଗିରିର ହିମେଶ ରଞ୍ଜନ ସିକଦାର ପ୍ରଥମ, ମାଲକାନଗିରି ମହିଳା ମହାବିଦ୍ୟାଳୟର ଅମିତା ବୈରାଗୀ ଦ୍ୱିତୀୟ ଓ ମାଲକାନଗିରି ଜବାହର ନବୋଦୟ ବିଦ୍ୟାଳୟର ଆକାଂକ୍ଷା ପ୍ରିୟଦର୍ଶନୀ ସାହୁ ତୃତୀୟ ହୋଇଥିଲେ। ଚିତ୍ରାଙ୍କ ପ୍ରତିଯୋଗିତାରେ ବାଲିମେଳା ଉଚ୍ଚ ବିଦ୍ୟାଳୟର ବଦର ଖରା ପ୍ରଥମ, ମାଲାକାନଗିରି ଜବାହର ନବୋଦୟ ବିଦ୍ୟାଳୟ-୧ର ନିଶା ମଣ୍ଡଳ ଦ୍ୱିତୀୟ ଓ ମାଲକାନଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ରାଜୁମାନ୍ଦ୍ରା ତୃତୀୟ ସ୍ଥାନ ଅଧିକାର କରଥିଲେ।

# ନାଲ୍‌କୋରେ ହିନ୍ଦୀ ଦିବସ, ହାସ୍ୟ କବି ସମ୍ମିଳନୀ

ଦାମନଯୋଡି,୧୮।୯(ଡି.ଏନ.ଏ.)




କବି ସମ୍ମିଳନୀରେ ଉପସ୍ଥିତ ଅତିଥି ।

ଦାମନଯୋଡିସ୍ଥିତ ନାଲ୍‌କୋ ପ୍ରକଳ୍ପର ରାଜଭାଷା ପ୍ରକୋଷ୍ଠ ପକ୍ଷରୁ ନାଲକୋ କ୍ଲବ ପରିସରରେ ହିନ୍ଦୀ ଦିବସ ସହ ହାସ୍ୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ ପାଢ଼ୀ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଥିଲେ। ସମସ୍ତେ ହିନ୍ଦୀରେ ଅଧିକ ରୁ ଅଧିକ କାର୍ଯ୍ୟ କରିବା ସହିତ ହିନ୍ଦୀରେ ଭାବ ବିନିମୟ କରିବାକୁ ପାଢ଼ୀ ପରାମର୍ଶ ଦେଇଥିଲେ। ଉତ୍ସବରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ବାର୍ତ୍ତାକୁ ଡିଜିଏମ ବିନୟ ଠାକୁର ପାଠ କରିଥିଲେ। ବିଭିନ୍ନ ରାଜ୍ୟରୁ ଆସିଥିବା ହାସ୍ୟକବି ଗୋବିନ୍ଦ ରାଠୀ, ମୁନ୍ନା ବୈଟରି, ପାର୍ଥ ନବୀନ ଓ ଚେତନ ଚର୍ଚ୍ଚିତ ନିଜ ବ୍ୟଙ୍ଗ କବିତା ପାଠ କରିଥିଲେ। ବ୍ୟଙ୍ଗ ମାଧମରେ କବି ମାନେ ଭ୍ରଷ୍ଟାଚାର,ଗରିବୀ ଓ ବଳାତ୍କାର ଭଳି ଘଟଣାର ସମାଲୋଚନା କରିଥିଲେ। ଉତ୍ସବରେ ନାଲକୋ ସମୂହ ମହାପ୍ରବନ୍ଧକ ଭୀମସେନ ପ୍ରଧାନ, ପ୍ରମୋଦ ବେହେରା ଓ ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ମଣି ପ୍ରସାଦ ସାମଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବି. ଅନୁରାଧା ମଞ୍ଚ ସଂଯୋଜନା କରିଥିବା ଧୀରଜ ମିଶ୍ର ଧନ୍ୟବାଦ ଦେଇଥିଲେ।

## ବାୟୁ ସେବାରେ ୩୨୨ ରୋଗୀଙ୍କୁ ମିଳିଲା ଚିକିତ୍ସା

ମାଲକାନଗିର, ୧୮।୯. (ସ୍ୱ.ପ୍ର.)

ମାଲକାନଗିରି ଜିଲାକୁ ରୋଗୀଙ୍କୁ ବାୟୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଭୁବନେଶ୍ୱରରୁ ଏୟାର ଆମ୍ବୁଲାନ୍ସ ଯୋଗେ ଆସିଥିବା ଡାକ୍ତରୀ ବିଶେଷଜ୍ଞ ଦଳ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଜିଲାର ୩୨୨ ରୋଗୀଙ୍କ ଚିକିତ୍ସା କରିଥିଲେ। ସେମାନଙ୍କ ମଧରେ ଶଲ୍ୟ ବିଶେଷଜ୍ଞ ଡା.ଏଚ.କେ.ମାଝୀ, ଗ୍ୟାସଟ୍ରୋଲୋଜିର ସହକାରୀ ପ୍ରଫେସର କୈବଲ୍ୟ ରଞ୍ଜନ ଦାସ,ନେଫ୍ରୋଲୋଜିର ଡା ଅରୁଣ ଆଚାର୍ଯ୍ୟ, ଆନେସଥେସିଆର ଡା. ଦେବାଶିଷ ସ୍ୱାଇଁ ଥିଲେ। ଡାକ୍ତରମାନେ ୬ଜଣ ମହିଳାଙ୍କ ଅପରେଶନ, ୬୪ ରୋଗୀଙ୍କ ଇଣ୍ଡୋସ୍କୋପି, ୬୮ ରୋଗୀଙ୍କ କାର୍ଡିଓଲୋଜି ଓପିଡି, ୯୪ ଜଣଙ୍କ ନେଫ୍ରୋଲୋଜି ଓପିଡି,୫୦ ଜଣଙ୍କ ଇସିଜି, ୩୯ଜଣଙ୍କ ଗ୍ୟାସଟ୍ରୋଏଣ୍ଟେରୋଲୋଜି ଚିକିତ୍ସା କରିଥିଲେ। ମାଲକାନଗିରି ଜିଲାର ଡାକ୍ତରଖାନା ଡାକ୍ତରମାନେ ସହଯୋଗ କରିଥିଲେ ।

## ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଅନୁଧାନ କଲେ ଜିଲାପାଳ



ଜିଲାପାଳ ନିର୍ମାଣ କାର୍ଯ୍ୟ ଅନୁଧାନ କରୁଛନ୍ତି।

ସୁନାବେଡା,୧୮।୯(ସ୍ୱ. ପ୍ର)

ସୁନାବେଡା ପୌର ପରିଷଦ ଅଧୀନ ୫ନଂ ୱାର୍ଡ ଗଞ୍ଜାମ କଲୋନୀଠାରେ ନିର୍ମାଣାଧୀନ ମଲ୍ଟି ପରପୋଜ ହଲ ତଥା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମର ନିର୍ମାଣ କାର୍ଯ୍ୟକୁ ଇତିମଧରେ କୋରାପୁଟ ଜିଲାପାଳ ଅବଦଲ ଏମ. ଅଖତର୍ ଅନୁଧାନ କରିଛନ୍ତି। ଶାଢେ ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି ଅତ୍ୟାଧୁନିକ ଇଣ୍ଡୋର ଷ୍ଟାଡିୟମକୁ ଅନୁଧାନ ବେଳେ ସେ ନିର୍ମାଣକାରୀ ସଂସ୍ଥାର ଅଧିକାରୀ ଏବଂ କୋରାପୁଟ ପିଡବ୍ଲୁଡି ନିର୍ବାହୀଯନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଏହାର କାମ ଆସନ୍ତା ଡିସେମ୍ବରରେ ଶେଷ ହେବାକୁ ଧାର୍ଯ୍ୟ ହୋଇଥିବାବେଳେ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟଗୁଡିକ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ନିର୍ଦ୍ଧାରିତ ସମୟ ମଧରେ ସମସ୍ତ କାମ ଶେଷ କରିବାକୁ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜିଲାପାଳଙ୍କ ଏହି ଗସ୍ତ ବେଳେ ବିଭାଗୀୟ ଏସଇ ସତ୍ୟନାରାୟଣ ଖୁରା, ଏଇ ଶରତ ପାତ୍ର ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଗତ ୧୮।୬।୨୧ରେ କୋରାପୁଟ ବିଧାୟକ ତଥା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ପଡାଲ ଏନେଇ ଭିଡିଓ କନ୍‌ଫରେନ୍ସ ମାଧମରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅଞ୍ଚଳରେ ବହୁ ପ୍ରତିଭାବାନ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଖେଳାଳି ରହିଥିବାରୁ ସେମାନଙ୍କ ଅଭ୍ୟାସ ପାଇଁ ଉପଯୁକ୍ତ ବ୍ୟବସ୍ଥା ନ ଥିବା ପଡାଲ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ପରେ ମୁଖ୍ୟମନ୍ତ୍ରୀ ପୌର ପ୍ରଶାସନକୁ ୨୩।୬।୨୧ରେ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ ବିଭାଗ ଗତ ମାର୍ଚ୍ଚରେ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ଏହି ଷ୍ଟାଡିୟମ ମଧରେ ୨ଟି ବ୍ୟାଡମିଣ୍ଟନ କୋର୍ଟ ସହ ଜିମ୍, ଯୋଗ ଏବଂ ଚଲାପଥ ଭଳି ବିଭିନ୍ନ ବ୍ୟବସ୍ଥା ରହିଛି ।

# ମହିଳା ସଶକ୍ତୀକରଣ ନେଇ କର୍ମଶାଳା

ନାରାୟଣପାଟଣା, ୧୮।୯(ଡି.ଏନ.ଏ.)

ସିଓ୍ୱାଇଏସଡି ଓ ଓଡିଶା ଜିବିକା ମିଶନର ମିଳିତ ଆନୁକୁଲ୍ୟରେ ଗ୍ରାମୀଣ ଜୀବିକା ଓ ମହିଳା ସଶକ୍ତୀକରଣ ନେଇ ଏକଦିବସୀୟ କର୍ମଶାଳା ସ୍ଥାନୀୟ ପଞ୍ଚାୟତ ସମିତି ତାଲିମ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମିଶନ ଶକ୍ତି ବ୍ଲକ ସଂଯୋଜକ ଖମେଶର ହିକ୍କା ଉଦଘାଟନ କରିଥିଲେ। ଗ୍ରାମିଣ ମହିଳା ମାନେ କିଭଳି ସରକାରଙ୍କ ବିଭିନ୍ନ ଯୋଜନା ସହ ଅନ୍ତର୍ଭୁକ୍ତ ହୋଇ ନିଜ ନିଜ ଅର୍ଥନୈତିକ ଅଭିବୃଦ୍ଧି କରିପାରିବେ ସେ ନେଇ ହିକ୍କା ଗୁରୁତ୍ୱାରୋପ କରିଥିଲେ। ଓରମାସ ସଙ୍ଗଠନ ବ୍ଲକ ସଂଯୋଜକ ଧୋବା ଶିକା ମହିଳା ମାନଙ୍କ ଦାରା ଉତ୍ପାଦିତ ସାମଗ୍ରୀର ବଜାରିକରଣ ଲାଗି ଓରମାସ ସମସ୍ତ ପ୍ରକାର ସହଯୋଗ କରିବ ବୋଲି କହିଥିଲେ। ସିଓ୍ୱାଇଏସଡି ବ୍ଲକ ସହ ପ୍ରଭାରି ତ୍ରିପତି ପଣ୍ଡା ଚାଷୀଙ୍କ ଗୁଣାତ୍ମକ ବିକାଶ ଦିଗରେ ମତ ରଖିଥିଲେ। ସ୍ୱେଚ୍ଛାସେବୀ ଧନଫୁଲ ହିକକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଚିତ୍ରକୋଣ୍ଡାର ଦୁଇଟି ମଣ୍ଡପରେ ବିଶ୍ୱକର୍ମା ପୂଜା । ମାଲକାନଗିରି ଘରୋଇ ବସ୍‌ଷ୍ଟାଣ୍ଡଠାରେ ପୂଜା ପାଉଛନ୍ତି ବିଶ୍ୱକର୍ମା ।




ମାଲକାନଗିରି ମ୍ୟୁନିସିପାଲିଟି ଓ ପିଏଚ୍‌ଡି ପକ୍ଷରୁ ହୋଇଥିବା ବିଶ୍ୱକର୍ମା ପୂଜାମଣ୍ଡପ ।

# ଜିଲା ଡ୍ରଗ ନିଷ୍କାସନ କମିଟି ପକ୍ଷରୁ ଜବତ ଗଞ୍ଜେଇ ଜାଳି ନଷ୍ଟ କରାଗଲା

ମାଲକାନଗିରି, ୧୮।୯ (ଡି.ଏନ.ଏ./ସ୍ୱ.ପ୍ର.)



ଜିଲା ଡ୍ରଗ ନିଷ୍କାସନ କମିଟି ପକ୍ଷରୁ ଗଞ୍ଜେଇ ଜାଳି ନଷ୍ଟ କରାଯାଉଛି ।

ମାଲକାନଗିରି ଜିଲା ଡ୍ରଗ ନିଷ୍କାସନ କମିଟି ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଜବତ ହୋଇଥିବା ଗଞ୍ଜେଇକୁ କୋରାପୁଟ ଜିଲ୍ଲାର ନାଲକୋ କମ୍ପାନୀରେ ଥିବା ଚୁଲାରେ ପକାଇ ଜଳାଇ ଦିଆଯାଇଛି। ପ୍ରଥମ ଥର ପାଇଁ ଚଳିତ ବର୍ଷ ଏହି କମିଟି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଚଢାଉ କକରାଯାଇ ବିଭିନ୍ନ ସମୟରେ ୫୯୩ କେଜି ଗଞ୍ଜେଇ ଜବତ କରାଯାଇ ଗଚ୍ଛିତ ରଖାଯାଇଥିଲା। ଏହାକୁ ନଷ୍ଟ କରିବା ଲାଗି ଡ୍ରଗ ନିଷ୍କାସନ କମିଟି ନିଷ୍ପତ୍ତି ନେବା ପରେ ନାଲକୋ କମ୍ପାନୀ ପରିସରରେ ଥିବା ଚୁଲାରେ ଏସବୁ ଗଞ୍ଜେଇକୁ ପୋଡିନଷ୍ଟ କରାଯାଇଥିବା ଜଣାପଡିଛି। ଏହି ନିଷ୍କାସନ ସମୟରେ ମାଲକାନଗିରି ଜିଲ୍ଲା ଡ୍ରଗ୍ସ ନିଷ୍କାସନ କମିଟିର ଚେୟାରମ୍ୟାନ ଏପି.ନିତେଶ ୱାଧନୀ, ଜିଲା ଅବକାରୀ ସୁପରିଟେଣ୍ଡେଣ୍ଟ ଅରୁଣ ପାଢୀ, ଡିଏସପି ରବି ନାରାୟଣ ପାତ୍ର ଓ ଡେପୁଟି କଲେକ୍ଟର ଲଳିତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

**ଭାଇଚାରା ସପ୍ତାହ ପାଳନ ନେଇ ମାଓବାଦୀଙ୍କ ଆହ୍ୱାନ**

ମାଲକାନଗିରି,(ସ୍ୱ.ପ୍ର): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା, ବିଜାପୁର ଜିଲାର ବିଭିନ୍ନ ମାଓବାଦୀପ୍ରବଣ ଅଞ୍ଚଳର ଗ୍ରାମଗୁଡିକରେ ମାଓବାଦୀମାନେ ପୋଷ୍ଟର ବ୍ୟାନର ଲଗାଇ ଭାଇଚାରା ସପ୍ତାହ ପାଳନ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏଥିପାଇଁ ସେମାନେ ସୀମାନ୍ତ ନୁକନପାଲ ଜଙ୍ଗଲ ରାସ୍ତାରେ ବହୁ ପରିମାଣର ପୋଷ୍ଟର, ବ୍ୟାନର ଲଗାଇଥିବା ଦେଖିବାକୁ ମିଳିଛି। ଏଥିରେ ପୋଲିସ ବିନା କାରଣରେ ନିରୀହ ଲୋକମାନଙ୍କୁ ବନ୍ଦୀ କରି ଜେଲରେ ରଖିଛି। ସେମାନଙ୍କୁ ମୁକ୍ତ କରାଯାଉ,ସମସ୍ତେ ମିଳି ମିଶି ଭାଇଚାରା ସପ୍ତାହ ପାଳନ କରିବାଲାଗି ଆଗେଇ ଆସିବାକୁ ମାଓବାଦୀମାନେ ମାରିଥିବା ବ୍ୟାନର ଓ ପୋଷ୍ଟରରେ ଉଲ୍ଲେଖ କରିଛନ୍ତି।

## ସଂକ୍ଷେପରେ

### ନିଶାଶକ୍ତ ଡ୍ରାଇଭର, ହେଲପର ଗିରଫ

ଜୟପୁର, ୧୮।୯ (ନି.ପ୍ର.)- ନିଶାଶକ୍ତ ଅବସ୍ଥାରେ ଗାଡି ଚଳାଉଥିବା ଡ୍ରାଇଭର ଓ ହେଲପେରକୁଙ୍କୁ ଧରି ଲୋକେ ନିସ୍ତୁକ ମାଡ ମାରିଛନ୍ତି। ଉଭୟଙ୍କୁ ଜୟପୁର ସଦର ପୋଲିସ ଗିରଫ କରିଛି। ସେମାନେ ହେଲେ ଲିପୁ ନାୟକ ଓ କେ ଶିବା । ଏକ ଟ୍ରଲର ଜୟପୁର ଅଭିମୁଖେ ଆସିଥିବା ବେଳେ ଡ୍ରାଇଭର ଓ ହେଲପେର ନିଶାସକ୍ତ ହୋଇ ବାମୁଣି ଗାଁ ନିକଟରେ ୩ଟି ଗାଡିକୁ ଧକ୍କା ଦେଇଥିଲେ। ଏଥିରେ ୩ ଜଣ ଆହାତ ହୋଇଥିଲେ। ଏହା ଦେଖି ଲୋକମାନେ ଟ୍ରଲରକୁ ଗୋଡାଇ ଗ୍ଲୋକାଲ ହସ୍‌ପିଟାଲ ନିକଟରେ ଧରି ନିଶାସକ୍ତ ଡ୍ରାଇଭର ଓ ହେଲପେରକୁ ନିସ୍ତୁକ ମାଡ ମାରି ପୋଲିସକୁ ଖବର ଦେଇଥିଲେ। ଗିରଫ ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛ ।

### ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

ପଡିଆ, ୧୮।୯ (ଡି.ଏନ.ଏ.)-ପଡିଆ ବାପୁଜୀ ଯୁବକ ସଂଘ ପକ୍ଷରୁ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ। ମାଲକାନଗିରି ଜିଲ୍ଲା ସୀମାନ୍ତ ପଡିଆ ବ୍ଲକ ସଦର ମହକୁମାରେ ଥିବା ଅନୁଷ୍ଠିତ ହୋଇ ଯାଇଛି। ପଡିଆ ଅଞ୍ଚଳରେ ଅଧିକାଠା ଘରେ ଲୋକେ ଜ୍ୱରରେ ପୀଡିତ ହେଉଥିବାରୁ ଗୁରୁବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବୁଧିକେଶ୍ୱର ମାଝିଙ୍କୁ ସଚେତନତା କାର୍ଯ୍ୟକ୍ରମ ଲାଗି ଏକ ସ୍ମାରକପତ୍ର ପ୍ରଦାନ କାରାଯାଇଥିଲା। ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ, ପଡିଆସ୍ଥିତ ଏସଏସଡି ହାଇସ୍କୁଲ ର ଛାତ୍ରୀଛାତ୍ର ଏବଂ ବାପୁଜୀ ଯୁବଜ ସଂଘ ସଦସ୍ୟମାନେ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ବଜାର ପରିକ୍ରମା କରି ସମସ୍ତ ସାହି ବୁଲି ଡେଙ୍ଗୁ ଜ୍ୱର ସମ୍ପର୍କରେ ସଚେତନ କରିଥିଲେ। କୌଣସି ସ୍ଥାନରେ ଦୀର୍ଘ ଦିନ ପାଣି ଜମିବାକୁ ନ ଦେବା, ନିଜ ସାହି ପରିଷ୍କାର ପରିଛନ୍ନ ରଖିବା, ରାତିରେ ମଶାରି ଟାଙ୍ଗି ଶୋଇବା ପାଇଁ ପରାମର୍ଶ ଦେଇଥିଲେ। ଖବରଦାତା କେ. ଭାସ୍କର ରାଓଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

### ବେରୋଜଗାର ଦିବସ ପାଳିତ

ଦଶମନ୍ତପୁର, ୧୮।୯ ( ଡି ଏନ ଏ)- ଦଶମନ୍ତପୁର ବ୍ଲକ ସଦର ସ୍ଥିତ ଥାନା ପାର୍ଶ୍ୱରେ ଶନିବାର ଯୁବ କଂଗ୍ରେସ ପକ୍ଷରୁ ବେରୋଜଗାର ଦିବସ ପାଳିତ ହୋଇଯାଇଛି। ଉଚ୍ଚ ଶିକ୍ଷିତ ଯୁବକମାନେ ଚା, ପକୋଡ଼ି,ବର ତିଆରି କରି ସାଧାରଣ ଲୋକଙ୍କୁ ବିକ୍ରି କରୁଥିବା ଦେଖିବାକୁ ମିଳଥିଲା। ସେପ୍ଟେମ୍ବର ୧୭ରେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳିତ ହେଉଥିବା ବେଳେ କଂଗ୍ରେସ ପକ୍ଷରୁ ଏହାକୁ ବେରୋଜଗାର ଦିବସ ରୂପେ ପାଳନ କରାଯାଇଥିବା ଜିଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ କହିଛନ୍ତି। ଦଶମନ୍ତପୁର ବ୍ଲକ କଂଗ୍ରେସ ଯୁବ ସଭାପତି ଅଶୋକ ଖୋସ୍ଲା, କୋରାପୁଟ ପ୍ରଭାରୀ ରାକେଶ ସାହୁ,ଜୟପୁର ନିର୍ବାଚନ ମଣ୍ଡଳୀ ସଭାପତି ଏ. ରମେଶ ରାଓ, ଜିଲା ଯୁବ କଂଗ୍ରେସ ସମ୍ପାଦକ ପଙ୍କଜ ବାଘ, ଜିଲା ଯୁବ ଉପସଭାପତି ପବିତ୍ର ସାଉଁନ୍ତା, ବରିଷ୍ଠ କଂଗ୍ରେସ ନେତା ଦିଲ୍ଲୀପ ବାଘ, ରାଜେନ୍ଦ୍ର ହୁଇକା, ମୋହନ ପାତ୍ର ହିଆଲ, ରାମାକାନ୍ତ ଦଳାଇ, ଲୋଚନ ବିଶୋୟୀ, ହେମନ୍ତ ଖରା, ସୁବାଷ ଖୋସ୍ଲା ଏଥିରେ ସାମିଲ ହୋଇଥିଲେ।

### ନାବାଳକଙ୍କୁ ଛୁରି ମାରି ୨ ଅଭିଯୁକ୍ତ ଫେରାର

ନବରଙ୍ଗପୁର,୧୮।୯(ବି.ପ୍ର.)- ନବରଙ୍ଗପୁର ସହରର ମଙ୍ଗରାଜ ସାହିର ଜଣେ ନାବାଳକ ବି.ଶ୍ରୀନୀବାଶ(୧୪)ଙ୍କୁ ଦୁଇଜଣ ଯୁବକ ବାଇକ୍‌ରେ ଆସି ପେଟରେ ଛୁରା ମାରି ଫେରାର ହୋଇଯାଇଛନ୍ତି । କେଉଟ ସାହି ଛକ ନିକଟରେ ରାତି ସାଢେ ୯ଟାରେ ଏହି ଘଟଣା ଘଟିଛି । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଜିଲା ସଦର ମହାକୁମ୍ଭା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ସ୍ଥାନାନ୍ତର କରାଯାଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ସାଇ ନାମକ ଜଣେ ଯୁବକ ଓ ତାଙ୍କ ସହ ଆଉ ଜଣେ ଏପରି ଘଟଣା ଘଟାଇଥିବା ଜଣାପଡିଛି। ସ୍ଥାନୀୟ ଆଦର୍ଶ ଥାନା ଏସ୍‌ଆଇ ସବିର ଅହମ୍ମଦ, ଏଏସ୍‌ଆଇ ଅଶୋକ ଦେଓ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରଛନ୍ତି।

### ସଂଗ୍ରହ ହେଲା ୧୧୧ ୟୁନିଟ ରକ୍ତ

କୋରାପୁଟ,୧୮।୯ (ସ୍ୱ.ପ୍ର.)- ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ବ୍ଲଡ ସେଣ୍ଟର ପରିସରରେ ଅମୃତ ମହୋତ୍ସବ ଅବସରରେ ଓଡ଼ିଶା ବ୍ଲଡ ସେଣ୍ଟର ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏମବିବିଏସ୍, ଡିଏମ୍‌ଏଲଟି, ରେଡକ୍ରସ ଓ ଓଡ଼ିଶା ରକ୍ତଦାତା ମହାସଂଘର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଆୟୋଜିତ ହୋଇଯାଇଛି। ଶିବିରରୁ ୧୧୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ମେଡିକାଲ କଲେଜ ଅଧକ୍ଷକ ଡା. ସୀତାରାମ ମହାପାତ୍ର ମୁଖ୍ୟ ଅତିଥି, ଡିନ୍ ଡା. କୃଷ୍ଣଚନ୍ଦ୍ର ବିଶ୍ୱାଳ, ଡା. ବୋଧିସତ୍ୱ ବେହେରା,ଡା. ମଧୁସୂଦନ ବଳିଆରସିଂ, ଏଫବିଡିଓଆଇର ଡା. ଚିତରଞ୍ଜନ ମିଶ୍ର, ସଞ୍ଜୀବ କୁମାର, ଡା. ଉମା ପାତ୍ର ଓ ସେଇକ ଇବ୍ରହିମ, ରକ୍ତ ଭଣ୍ଡାର ଅଧିକାରୀ ଡା. ଫକୀର ଚରଣ ମୁଣ୍ଡା ଓ ଡା. ନରେଶ ଚନ୍ଦ୍ର ସାହ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

# କୋଟିଆ ସୀମାନ୍ତ ଆନ୍ଧ୍ର ଅଞ୍ଚଳରେ ବୁଲୁଛି ବାଘ

କୋରାପୁଟ,୧୮।୯(ସ୍ୱ.ପ୍ର.)

କୋରାପୁଟ ଜିଲା କୋଟିଆ ସୀମାନ୍ତ ଆନ୍ଧ୍ରପ୍ରଦେଶର ପାହାଡିଆ ଅଞ୍ଚଳରେ ଗତ କିଛି ଦିନ ହେଲା ଏକ ବାଘ ବୁଲୁଥିବା ଜଣାପଡିଛି। ଫଳରେ ଏନେଇ ଜିଲାର କୋଟିଆ ପଞ୍ଚାୟତରେ ଆତଙ୍କ ଖେଳିଯାଇଛି । କୋଟିଆ ସୀମାନ୍ତ ହରନ୍‌ମାଣ୍ଡିଙ୍ଗି, ଫଗୁଣ ସିନେରୀ ଓ ଫାଟୁ ସିନେରୀ ସମେତ ସୀମାନ୍ତ ଆନ୍ଧ୍ର ଅଞ୍ଚଳରେ ଏହି ବାଘ ବିଚରଣ କରୁଛି। ବାଘ ଇତି ମଧ୍ୟରେ ଦୁଇଟି ଗାଇଙ୍କୁ ମାରି ଦେଇଥିବା ବେଳେ ବାଘ ଆକ୍ରମଣରେ ଗୋଟିଏ ବାଛୁରି ଆହତ ହୋଇଥିବା ଜଣାପଡିଛି। ଆନ୍ଧ୍ର ବନ ବିଭାଗ ଅଧିକାରୀ ବାଘ ପଞ୍ଝାର ଚିହ୍ନକୁ ଦେଖି ଏହା ୧୨ ସେଣ୍ଟିମିଟର ବୋଲି ପ୍ରକାଶ କରିଛନ୍ତି। ବର୍ତ୍ତମାନ ଆନ୍ଧ୍ରର ନନ୍ଦା ହାଟ ଅଞ୍ଚଳରେ ଏହି ବଳ ବାଘ ରହିଥିବା ଅଧିକାରୀମାନେ କହିଛନ୍ତି। ନନ୍ଦାହାଟରୁ କୋଟିଆ ପଞ୍ଚାୟତର ଫାଟୁସିନେରି ଅଳ୍ପ ଦୂରରେ ଥିବାରୁ ଯେକୌଣସି ସମୟରେ ବାଘ ଓଡ଼ିଶାର କୋଟିଆ ପଞ୍ଚାୟତ ଅଞ୍ଚଳରେ ପ୍ରବେଶ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହାକୁ ଦୃଷ୍ଟିରେ ରଖି ସେମିଲିଗୁଡା ରେଞ୍ଜର ତ୍ରିପତି ପଣ୍ଡାଙ୍କ ନେତୃତ୍ୱରେ ୨ଟିମ୍ ଗଠନ କରାଯାଇଛି। ଗୋଟିଏ ଟିମ୍ କୋଟିଆ ଓ ଅନ୍ୟଟି ସୁଙ୍କିରେ ନିୟୋଜିତ ହୋଇଛି। ଆନ୍ଧ୍ର ବନ ବିଭାଗ ସହ ଯୋଗାଯୋଗ କରାଯାଇ ସମନ୍ୱୟ ରଖି କାର୍ଯ୍ୟ କରାଯାଉଥିବା ଡିଏଫ୍‌ଓ ଅମିତାରାଣୀ ରାୟ କହିଛନ୍ତି।

# ସିଏଙ୍କୁ ନେଇ ଦିନିକିଆ କର୍ମଶାଳା



କର୍ମଶାଳାରେ ସାମିଲ ହୋଇଥିବା ସଦସ୍ୟମାନେ ।

ଜୟପୁର, ୧୮।୯ (ନି.ପ୍ର.)

ଜୟପୁର ବେଲରୋଡସ୍ଥିତ ଏକ ହୋଟେଲରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି । ଏହାକୁ ପୂର୍ବ ଭାରତ ଆଞ୍ଚଳିକ ପରିଷଦର ଅଧ୍ୟକ୍ଷ ସିଏ ରବି ପଟଓା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜୟପୁରଠାରେ ଏକ ସିପିଇ ଷ୍ଟଡି ଚାପ୍ଟର କାର୍ଯ୍ୟ ଆରମ୍ଭ କରିଛି । ସହରର ୨୫ ଜଣ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଂଶଗ୍ରହଣ କରି ସାମ୍ପ୍ରତିକ ପରିସ୍ଥିତିରେ ଜିଏସ୍‌ଟିର ଆବଶ୍ୟକତା, ଏହାର ଜଟିଳତା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ସିଏ ଲଡୁ ଗୋପାଳ ଶାହା ଜଟିଳତାର ସମାଧାନ ଉପରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କଟକର ସିଏ ସତ୍ୟାନନ୍ଦ ରାଉତରାୟ, ପୂର୍ବତନ ଇଆଇଆରସି ଅଧକ୍ଷ ସିଏ ସୁନିଲ ସାହୁ , ବ୍ରହ୍ମପୁର ଶାଖାର ପୂର୍ବତନ ଅଧକ୍ଷ ସିଏ ପ୍ରମୋଦ ପଣ୍ଡା, ସମ୍ପାଦକ ସିଏ ସୁନିଲ ପଟ୍ଟନାୟକ, ଜୟପୁର ଟେକ୍ସବାର ସଭାପତି ସୁବାସ ବର୍ମା, ଚ୍ୟାମ୍ବର ଅଫ କର୍ମସ ସଭାପତି ରାଜପାଲ ଖୁରାନା ଓ ଅବିଭକ୍ତ କୋରାପୁଟ ଜିଲାର ବହୁ ସିଏ ଯୋଗ ଦେଇଥିଲେ। ବସନ୍ତ କର୍କରା, ଜୟନ୍ତ ଶତପଥୀ, କୌଳାସ ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା

ଜୟପୁର, ୧୮।୯ (ନି.ପ୍ର.)



ଜଣେ ଛାତ୍ରୀ ବକ୍ତୃତା ପ୍ରତିଯୋଗିତାରେ ବକ୍ତୃତା ଦେଉଛନ୍ତି।

ଜୟପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିୱା ପକ୍ଷରୁ ରବିବାର ସିଟି ବିଦ୍ୟାଳୟ ଠାରେ ହାଇସ୍କୁଲ ଏବଂ କଲେଜ ଛାତ୍ରୀଛାତ୍ରଙ୍କୁଙ୍କୁ ନେଇ ଲକ ବକ୍ତୃତା ପ୍ରତିଯୋଗିତାର ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ସିୱାର ରଜତ ଜୟନ୍ତୀ ପାଳିତ ହେବାକୁ ଥିବାରୁ ଜନୁଆରି ୪ ମଧ୍ୟରେ ଏପରି ଅନେକ ପ୍ରତିଯୋଗିତା ସହ ବୃକ୍ଷରୋପଣ, ରକ୍ତ ଦାନ ଆଦି କାର୍ଯ୍ୟକ୍ରମ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ପ୍ରତାପ ପଟ୍ଟନାୟକ କହିଛନ୍ତି । ବକ୍ତୃତା ପ୍ରତିଯୋଗିତାରେ ୪୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଶ୍ରୀନାଥ ମିଶ୍ର, ସୁରେନ୍ଦ୍ର ପଟ୍ଟନାୟକ, ତପନ ତ୍ରିପାଠୀ ଓଡିଆ ବକ୍ତୃତା ପ୍ରତିଯୋଗିତାର ବିଚାରକ ଭାବେ ଓ ହାଇସ୍କୁଲ ପାଇଁ ଅଧ୍ୟାପକ ବଳଭଦ୍ର ସାହୁ, ସର୍ବେଶ୍ୱର ନାୟକ, ହୃଷୀକେଶ ସୁବୁଦ୍ଧି, କଲେଜ ପାଇଁ ଅଧ୍ୟାପକ ଅଙ୍ଗୁଜ ପ୍ରଧାନ, ଶିକ୍ଷକ ଅଜମଲ ବେଗ ବିଚାରକ ଭାବେ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ସିୱାର ରଜତ ଜୟନ୍ତୀରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମକୁ ବି. ନଳିନି, ବିଶ୍ୱନାଥ ନାୟକ, ଜି. ନୁତନ କୁମାର ପରିଚାଳନା କରିଥିଲେ। ସୁଧାକର ପଟ୍ଟନାୟକ, ରବିନ୍ଦ୍ର ସାହୁ, ଅଶୋକ ଚୌଧୁରୀ, ପ୍ରଦିପ୍ତ ସାହୁ, କୃଷ୍ଣଚନ୍ଦ୍ର ଦାସ ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଡାବୁଗାଁରେ ଦେବଶିଳ୍ପୀଙ୍କ ପୂଜାର୍ଚ୍ଚନା


ଡାବୁଗାଁ ସାଉଥ୍‌କୋ କାର୍ଯ୍ୟାଳୟରେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା ଚାଲିଛି।

ଡାବୁଗାଁ,୧୮।୯(ଡି.ଏନ୍.ଏ.)

ଡାବୁଗାଁ ସଦର ମହକୁମାସ୍ଥିତ ସାଉଥ୍‌କୋ ଅଫିସ, ବ୍ଲକ କାର୍ଯ୍ୟାଳୟ, ଓଡିଶା ବିହନ ନିଗମ ପ୍ଲାଣ୍ଟ ଓ ବିଭିନ୍ନ ବେସରକାରୀ ଅନୁଷ୍ଠାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି।ବିଦ୍ୟୁତ୍ କାର୍ଯ୍ୟାଳୟରେ ଆୟୋଜିତ ପୂଜାରେ ସହକାରୀ ଯନ୍ତ୍ରୀ ପବିତ୍ର କୁମାର ସାହୁ କର୍ତ୍ତାଭାବେ ଯୋଗ ଦେଇଥିଲେ। ବିଦ୍ୟୁତ୍ ବିଭାଗ ରାଜସ୍ୱ ସୁରକ୍ଷା ଅଧିକାରୀ ସୂର୍ଯ୍ୟକାନ୍ତ ପାଢୀ, ସୁପରଭାଇଜର ଶୁଭନ ଚୌଧୁରୀ, ଲାଇନମ୍ୟାନ ମଞ୍ଜୁଳ କୁମାର ସେଠୀ, ପ୍ରବୀଣ କୁମାର ସାହୁ ଓ ଉତ୍ତମ ଦାସ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ।

# ପୋଷାକ ବାବଦ ଅର୍ଥ ପିଲାଙ୍କ ଆକାଉଣ୍ଟରେ ଦେବାକୁ ଦାବି

ତେନ୍ତୁଲିଖୁଣ୍ଟି,୧୮।୯(ଡି.ଏନ୍.ଏ.)

**ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ପୋଷାକ ପ୍ରଦାନ ଅଭିଯୋଗ**

ରାଜ୍ୟ ସରକାର ଛାତ୍ରୀଛାତ୍ରୀଙ୍କୁ ବିଦ୍ୟାଳୟ ମୁହାଁ କରିବା ତଥା ଶିକ୍ଷାର ବିକାଶ ଲକ୍ଷ୍ୟ ନେଇ ଅନେକ ଯୋଜନା କରିଛନ୍ତି। ମଧ୍ୟାହ୍ନ ଭୋଜନ ସହ ପିଲାଙ୍କୁ ମାଗଣା ୟୁନିଫର୍ମ ପ୍ରଦାନ କରୁଛନ୍ତି। ଡ୍ରେସ, ବୁଟ୍ ପ୍ରଦାନ ନିମନ୍ତେ ଅର୍ଥ ଖର୍ଚ୍ଚ କରୁଛନ୍ତି। ହେଲେ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍‌ରେ ଡ୍ରେସ ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଛାତ୍ରୀଛାତ୍ରୀଙ୍କୁ ନିମ୍ନମାନର ୟୁନିଫର୍ମ ଦିଆଯାଉଥିବା ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଅଭିଯୋଗ କାହାକୁ କରିବେ ସେ ନେଇ ସେମାନେ ଦ୍ୱନ୍ଦ୍ୱରେ ଥିବା କହିଛନ୍ତି।

ସୂଚନାଯୋଗ୍ୟ, ତେନ୍ତୁଲିଖୁଣ୍ଟି ବ୍ଲକର ୧୩୦ ବିଦ୍ୟାଳୟର ୧୦,୩୦୦ ଛାତ୍ରୀଛାତ୍ରଙ୍କ ନିମନ୍ତେ ଦୁଇହଳ ଲେଖାଏ ପୋଷାକ ଏବଂ ଗୋଟିଏ ହଳ ବୁଟ୍ ଦେବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ରାଜ୍ୟ ସରକାର ପୋଷାକ ପିଛା ୨୦୦ ଟଙ୍କା ଏବଂ ବୁଟ ପିଛା ୨୦୦ ଟଙ୍କା ଦର ଧାର୍ଯ୍ୟ କରିଛନ୍ତି। ୧୦,୩୦୦ ପିଲାଙ୍କ ବାବଦରେ ୬ କୋଟି ୧୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି। ପୋଷାକ ଯୋଗାଣ କରୁଥିବା ଏଜେନ୍ସିର କର୍ମକର୍ତ୍ତା ବିଭିନ୍ନ ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରି ଡ୍ରେସ୍ ପ୍ରଦାନ କରୁଛନ୍ତି। ତେନ୍ତୁଲିଖୁଣ୍ଟି ବ୍ଲକରେ ପୋଷାକ ପ୍ରଦାନରେ ଦୁର୍ନୀତି କରାଯାଉଥିବା ସାମାଜିକ କର୍ମୀ ଅଖିଳ ଭତରା, ଜିଲା ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ପାତ୍ର ଅଭିଯୋଗ କରିଛନ୍ତି। ପୋଷାକ ଏବଂ ବୁଟ୍‌ର ମାନ ନିରପେକ୍ଷ ଭାବରେ ଯାଞ୍ଚକଲେ ସବୁ ସ୍ପଷ୍ଟ ହେବ ବୋଲି କଂଗ୍ରେସର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ନିର୍ମଳ କନ୍ଦପାନ କହିଛନ୍ତି। ୨୦୦ ବଦଳରେ ୧୨୦ ରୁ ୧୩୦ ଟଙ୍କା ମଧ୍ୟରେ ପୋଷାକ କ୍ରୟ କରି ପିଲାଙ୍କୁ ଦିଆଯାଉଛି। ବୁଟ୍ ମଧ୍ୟ ୧୨୦ ରୁ ୧୩୦ ଟଙ୍କା ମଧ୍ୟରେ ଦିଆଯଉଥିବା ସେମାନେ କହିଛନ୍ତି। ତେଣୁ ସରକାର ଛାତ୍ରୀଛାତ୍ରଙ୍କ ପୋଷାକ ବାବଦ ଅର୍ଥ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଏକାଉଣ୍ଟରେ ଜମା କଲେ ଏହି ଦୁର୍ନୀତି ବନ୍ଦ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଡିଇଓ ପ୍ରଦୀପ ନାଗଙ୍କୁ ଛାତ୍ରୀଛାତ୍ରଙ୍କ ପୋଷାକ ଓ ବୁଟ୍ ବିଷୟରେ ପଚରିବାରୁ ସେ କହିଛନ୍ତି, କେତୋଟି ବ୍ଲକରୁ ଏଭଳି ଅଭିଯୋଗ ଆସିଛି। ଏଥିପାଇଁ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ବିଇଓ ବିରେନ୍ଦ୍ର ପାଢ଼ୀଙ୍କୁ ପଚାରିବାରୁ ଅଭିଯୋଗ ନିର୍ଦ୍ଦିଷ୍ଟ ବିଦ୍ୟାଳୟ ୱାରି ଆସିଲେ ତଦନ୍ତ କରାଯିବ। ଅଭିଯୋଗ ଆସୁଛି, ଉପରିସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ତରୁଣ ପ୍ରଜ୍ଞା ଭାରତୀ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

ଜୟପୁର,୧୮।୯ (ନି.ପ୍ର.)

ନାରାୟଣୀ ମହାବିଦ୍ୟାଳୟ ପରିସରରେ ତରୁଣ ପ୍ରଜ୍ଞା ଭାରତୀ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଧୀର ଚକ୍ରିକା, ପୁଚି ଏବଂ ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଏବଂ ଜୟପୁର ଆଖପାଖ ଅଞ୍ଚଳର ମହିଳା ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ର ଓ ମହିଳାଙ୍କୁ ଡ଼ିସେମ୍ବର ମାସରେ ହେବାକୁ ଥିବା ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସଭାପତି ଡ.ଗଙ୍ଗାଧର ନନ୍ଦ କହିଛନ୍ତି। କାର୍ଯ୍ୟକ୍ରମକୁ ଯଜ୍ଞେଶ୍ୱର ପଣ୍ଡା, ଲକ୍ଷ୍ମୀକାନ୍ତ ମିଶ୍ର, ନିରଞ୍ଜନ ପାଣିଗ୍ରାହୀ, ଅନନ୍ତ ବିଜୟ ଧୀବର, ଅଜୟ ମଲ୍ଲିକଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

### ଗରିବ ରୋଗୀଙ୍କୁ ରକ୍ତ ଦେଇ ଜୀବନ ବଞ୍ଚାଇଲେ ଏଏପି କର୍ମୀ

ମାଲକାନଗିରି,୧୮।୯(ସ୍ୱ.ପ୍ର.)

ମାଲକାନଗିରି ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଏମଭି-୩ ଗ୍ରାମର ଜଣେ ଗୁରୁତର ଗରିବ ରୋଗୀଙ୍କୁ ରକ୍ତଦାନ କରି ଜୀବନ ବଞ୍ଚାଇଛନ୍ତି ଆମ ଆଦିମ ପାର୍ଟି (ଏଏପି)ର ଜଣେ କମୀ। ରକ୍ତଭଣ୍ଡାରରେ ରକ୍ତ ନ ଥିବାରୁ ରୋଗୀଙ୍କ ପରିବାର ଲୋକେ ଚିନ୍ତାରେ ପଡିଯାଇଥିଲେ। ଏହି ଖବର ପାଇ ସେଠାରେ ଏଏପି ଜିଲା ସଭାପତି କେ.ଦେଶ୍ମୁ ରାଜା ଆଚାରି ପହଞ୍ଚି ଦଳର ଜଣେ କର୍ମୀ ମଧୁସୂଦନ ବାରୋଇଙ୍କୁ ଡାକି ରକ୍ତ ଦେବା ବ୍ୟବସ୍ଥା କରିଥିଲେ। ମଧୁସୂଦନ ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ରୋଗୀ ଅମିତ ବିଶ୍ରାଙ୍କୁ ରକ୍ତ ଦେଇଥିଲେ।

### ଫୁଟ୍ ଓଭର ବ୍ରିଜ୍ ଲୋକାର୍ପିତ କଲେ ବିଧାୟକ

ଜୟପୁର, ୧୭।୯(ନି.ପ୍ର.)

ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବହୁ ପ୍ରତିକ୍ଷିତ ଫୁଟ୍ ଓଭର ବ୍ରିଜ୍‌କୁ ଶନିବାର ବିଧାୟକ ତାରା ପ୍ରସାଦ ବାହିନୀପତି ଜିଲାପାଳ ଅବଦୁଲ୍ଲ ମହମ୍ମଦ ଆକ୍ତରଙ୍କ ଉପସ୍ଥିତିରେ ଲୋକାର୍ପିତ କରିଛନ୍ତି । ଏହି ଫୁଟ୍ ଓଭର ବ୍ରିଜ କରିବା ପାଇଁ ବିଭିନ୍ନ ସମୟରେ ଛାତ୍ରୀଛାତ୍ରମାନେ ଦାବି କରି ଆସୁଥିଲେ। ମହାବିଦ୍ୟାଳୟର ଗୋଟିଏ ପଟେ ବିଜ୍ଞାନ ବିଭାଗ ରହିଥିବା ବେଳେ ଅନ୍ୟ ପଟେ ବାଣିଜ୍ୟ ବିଭାଗ ରହିଛି । ମଝିରେ ଜାତୀୟ ରାଜ ପଥ ୨୬ ଯାଇଥିବାରୁ ବାରମ୍ବାର ଟ୍ରାଫିକ ସମସ୍ୟା ସହ ଛୋଟ ବଡ ଦୁର୍ଘଟଣାମାନ ଘଟୁଥିଲା। ଫୁଟ ଓଭର ବ୍ରିଜ୍ ନିର୍ମାଣ ପରେ ଏବେ ଛାତ୍ରୀଛାତ୍ର ଅଧାପିକା ଅଧାପକମାନେ ନିରାପଦରେ ଏ ବ୍ଲକରୁ ସେ ବ୍ଲକକୁ ଯାଇପାରିବେ। ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ନିବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, କଲେଜ ଅଧକ୍ଷ ଗୋପାଳ ହାଲଦାର, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲାପାଳ ଆକ୍ତରଙ୍କୁ ବିଧାୟକ ବାହିନୀପତି କଲେଜ ପରିଦର୍ଶନ କରାଇଥିଲେ। କଲେଜରେ ଛାତ୍ରୀ ନିବାସ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ୨ଶହ ବେଡର ଛାତ୍ରୀ ନିବାସ ପାଇଁ ମଞ୍ଜୁର ଆସିଥିବା ବେଳେ ଅନ୍ୟ ଏକ ଛାତ୍ରୀ ନିବାସ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ତାହାକୁ ଭାଙ୍ଗାଯାଇ ଛାତ୍ରୀ ନିବାସ ନିର୍ମାଣ କରାଯିବ। ଜିଲାପାଳ ଆକ୍ତର ମଧ୍ୟ ଏନେଇ ତୁରନ୍ତ ଚିଠି କରିବାକୁ କଲେଜ ଅଧକ୍ଷ ଏବଂ ଏଷ୍ଟିମେଟ୍ କରିବାକୁ ରାସ୍ତା ଓ ଗୃହ ବିଭାଗ ନିବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଜୟପୁର ସତସଙ୍ଗ କେନ୍ଦ୍ରରେ ଭାଦ୍ରବ ପରିକ୍ରମାର ଉଦ୍‌ଯାପନ ଦିବସ ପାଳିତ

ଜୟପୁର, ୧୮।୯ (ନି ପ୍ର)

ଡଙ୍ଗାଗୁଡା ସ୍ଥିତ ସତସଙ୍ଗ କେନ୍ଦ୍ର ଠାରେ ଆଜି ଶ୍ରୀଶ୍ରୀ ଠାକୁରୁ ଅନୁକୂଳ ଚନ୍ଦ୍ରଙ୍କ ଭାଦ୍ରବ ପରିକ୍ରମା ଉଦଯାପନ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ସହ ପ୍ରତିରିତିକ କପିଳ ମହାକୁଡଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସହପ୍ରତିରିତିକ ସୁଶୀଲ କୁମାର ପରିଜା ପରିଚାଳନା କରିଥିଲେ। ଏଥିରେ ଯାଯକ ପ୍ରେମାଂଶୁ ବେହେରା ଯୋଗ ଦେଇ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆର୍ବିଭାବ ଦିବସ ବିଷୟରେ ବର୍ଣ୍ଣନା କରିବା ସହ ଠାକୁରଙ୍କ ଜୀବନୀ ବିଷୟରେ ଯେଉଁ ସବୁ ଉଦାହରଣ ପ୍ରଦାନ କରିଥିଲେ ତାହାକୁ ପ୍ରତ୍ୟେକ ମନୁଷ୍ୟ ଜୀବନଚର୍ଯ୍ୟାରେ ଅନୁକରଣ କରିବା ପାଇଁ କହିଥିଲେ। ଅନ୍ୟତମ ବକ୍ତା ଭାବେ ସତସଙ୍ଗ କେନ୍ଦ୍ର ଦାୟିତ୍ୱରେ ଥିବା ବିନୋଦ ମହାପାତ୍ର କହିଛନ୍ତି ଯେ, ଠାକୁରଙ୍କ ପ୍ରତ୍ୟେକ କଥା ଜଣେ ମଣିଷ ଯେତ୍ଦୂର ପାରିବ ପାଳନ କରେ ତେବେ ସେ ନିଜର ଜୀବନକୁ ଶୃଙ୍ଖଳିତ କରିବା ସାଙ୍ଗକୁ ପରିବାର ଓ ସମାଜକୁ ଶୃଙ୍ଖଳିତ କରିପାରିବ। ଏହି ଅବସରରେ ଠାକୁରଙ୍କ ଭଜନ କୀର୍ତ୍ତନ କରିବା ସହ ଆନନ୍ଦ ବଜାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ କେଦାର ସାମନ୍ତରାୟ, ନରେଶ ମହାକୁଡ, ଚନ୍ଦ୍ରକାନ୍ତ ସୁତାର, ରାଜେନ୍ଦ୍ର ଗେଡ, ପ୍ରଭାତ ଦତ୍ତ, ଖଲି ପଟ୍ଟନାୟକ, ଧରଣୀଧର ସାହୁ, ଦଳଗୋବିନ୍ଦ ଜେନା ଓ ଦିଲେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଥାନାରେ ଏତଲା ଦେଲା ଜିଲା ବିକାଶ ମଞ୍ଚ

କୋରାପୁଟ,୧୮।୯(ସ୍ୱ.ପ୍ର.)

**ଅଶ୍ଳୀଳ ଗୀତକୁ ବିରୋଧ**

କୋରାପୁଟ ଜିଲା ଝିଅଙ୍କୁ ନେଇ ଅଶ୍ଳୀଳ ଗୀତ ପରିବେଷଣ କରିଥିବା ଓମ ଶଙ୍କର ନାମକ ବ୍ୟକ୍ତିଙ୍କ ବିରୋଧରେ ଜିଲା ବିକାଶ ମଞ୍ଚ ସମ୍ପାଦକ ଏସ. ପାଣିଗ୍ରାହୀ ଓ ଅନ୍ୟ ସଦସ୍ୟା ସଦସ୍ୟାମାନେ କୋରାପୁଟ ଟାଉନ ଥାନା ଅଧିକାରୀ ରବିବାର ଏତଲା ଦେଇଛନ୍ତି। ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିକଟରେ ଦାବି କରିଛନ୍ତି। କୋରାପୁଟ ଜିଲାର ଝିଅମାନଙ୍କୁ ଅଶ୍ଳୀଳ ଗୀତ ଗାଇ ୟୁଟ୍ୟୁବ୍‌ରେ ଛାଡିଥିଲେ। ଏହାକୁ ଜିଲା ବିକାଶ ମଞ୍ଚ ବିରୋଧ କରି ଏତଲା ଦେଇଛି। ସୂଚନାଯୋଗ୍ୟ, ପୂର୍ବରୁ ଏହାକୁ ନେଇ ଜୟପୁର ଟାଉନ ଥାନାରେ ଜୟପୁର ଅଞ୍ଚଳର ବହୁ ଯୁବତୀଯୁବକ ଏତଲା ଦେଇଥିଲେ।

# ବାୟୁ ସ୍ୱାସ୍ଥ୍ୟ ସେବା ଯୋଗାଇଥିବା ଡାକ୍ତରଙ୍କୁ ସମ୍ବର୍ଦ୍ଧନା


ଜିଲା ଉତ୍କଳ ସମ୍ମିଳନୀ କର୍ମକର୍ତ୍ତାମାନେ ଡାକ୍ତରମାନଙ୍କୁ ସମ୍ମାନିତ କରୁଛନ୍ତି ।

ମାଲକାନଗିରି,୧୮।୯(ସ୍ୱ.ପ୍ର.)

ମାଲକାନଗିରି ଜିଲା ଚିକିତ୍ସାଳୟରେ ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ପ୍ରତ୍ୟେକ ମାସରେ କଟକ ବଡ ଡାକ୍ତରଖାନାରୁ ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତରମାନେ ଆସି ମାଲକାନଗିରିରେ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛନ୍ତି। ଏହି କ୍ରମରେ ଚଳିତମାସରେ କଟକ ବଡ ମେଡିକାଲରୁ ଡାକ୍ତର ଜ୍ୟୋର୍ତିମୟ ନାୟକ, ଡାକ୍ତର ଶଙ୍କର୍ଷଣ ପଟେଲ, ଡାକ୍ତର ଚିନ୍ମୟାନନ୍ଦ ଦାସ, ଡାକ୍ତର ରଞ୍ଜନ ମହାନ୍ତି ହେଲିକେପ୍ଟର ଯୋଗେ ଆସି ରୋଗୀଙ୍କୁ ସେବା ଯୋଗାଇ ଦେଇଥିଲେ। ଏହି ଅବସରରେ ଉତ୍କଳ ସମ୍ମିଳନୀର ଜିଲା ଶାଖା ସଭାପତି ରଞ୍ଜନ ସ୍ୱାଇଁ ସମସ୍ତ ଡାକ୍ତରମାନଙ୍କୁ ସ୍ୱାଗତ ଜଣାଇବା ସହ ଉତରୀୟ ଦେଇ ସମ୍ମାନିତ କରିଥିଲେ। ଏହି ସମୟରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର ନାରାୟଣ ପାତ୍ର ଓ ଏନଏଚଏମର କର୍ମକର୍ତ୍ତାମାନେ ମଧ ଉପସ୍ଥିତ ଥିଲେ।

# ଶାନ୍ତନୁ କଳିଙ୍ଗ ଖଲାସି ସଂଘର ନୂତନ ସଭାପତି

ଉମରକୋଟ,୧୮।୯(ସ୍ୱ.ପ୍ର.)

ଉମରକୋଟର ବରିଷ୍ଠ ଆଇନଜୀବୀ ତଥା ଓକିଲ ସଂଘର ସମ୍ପାଦକ ଶାନ୍ତନୁ ବାହିନୀପତି ଉମରକୋଟ କଳିଙ୍ଗ ଖଲାସୀ ସଂଘର ସଭାପତି ଭାବେ ମନୋନୀତ ହୋଇଛନ୍ତି। ରବିବାର ୮ ନଂ ୱାର୍ଡ ଆର୍‌ଏମ୍‌ସି ହଲରେ ଏ ନେଇ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଉମରକୋଟର ଶତାଧିକ ଖଲାସୀ ଯୋଗଦେଇ ନୂତନ ସଭାପତିଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ନୂତନ ସଭାପତି ସଂଘର ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ସଭାପତି ଚୟନ କାର୍ଯ୍ୟକ୍ରମରେ ଉମରକୋଟର ଖଲାସିମାନେ ।

# ବଂଶଧାରା ନଦୀଶଯ୍ୟାରୁ ବାଲି ଉଠାଣକୁ ବିରୋଧ

ଗୁଣପୁର,୧୮।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବଂଶଧାରା ନଦୀ ବାଲିଶଯ୍ୟାରୁ ବାଲି ଉଠାଣକୁ କଡୁରୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ହେଲା ଏଠାରୁ ବାଲି ଖନନ କରାଗଲେ ଗାଁ ପ୍ରତି ବିପଦ ସୃଷ୍ଟି କରିବ। ଗ୍ରାମଦେଇ ଯାନବାହନରେ ବାଲିଚାଲାଣ କରାଗଲେ ଦୂର୍ଘଟଣା ଘଟିବା ଆଶଙ୍କା ରହିଛି। ତେଣୁ ଗୁଣପୁର ବଂଶଧାରା ନଦୀ କଡୁରୁ ବାଲିଶଯ୍ୟା-୧ ରୁ ବାଲି ଖନନ ବନ୍ଦ କରିବା ଦାବିରେ ରବିବାର ଗ୍ରାମର ମହିଳା ସମେତ ବିଭିନ୍ନ ବର୍ଗର ଜନସାଧାରଣ ପ୍ରବଳ ବିରୋଧ କରିଥିଲେ। ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ଏବଂ ପ୍ରଶାସନ ସେଠାରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଗ୍ରାମବାସୀ ମାନି ନ ଥିଲେ। ତହସିଲଦାର ଶରତ ଚନ୍ଦ୍ର ନାୟକ, ଅତିରିକ୍ତ ତହସିଲଦାର କପିଳେଶ୍ୱର ତାଣ୍ଡି, ସହକାରୀ ଜିଲାପାଳ ରାଜେନ୍ଦ୍ର ପ୍ରସାଦ ଚୌଧୁରୀ ଏବଂ ଆଇଆଇସି ନିଳାମ୍ବର ଜାନି ପ୍ରମୁଖ ଘଟଣାସ୍ଥଳକୁ ଯାଇ ଆଲୋଚନା କରିଥିଲେ। ବିରୋଧକୁ ନେଇ ଜିଲାପାଳଙ୍କୁ ଅବଗତ କରାଯିବ। ସେ ପର୍ଯ୍ୟନ୍ତ ବାଲି ଉଠାଣ ବନ୍ଦ ରହିବ ବୋଲି ତହସିଲଦାର କହିବା ପରେ ଆନ୍ଦୋଳନ ଥମିଥିଲା। ସୂଚନାଯୋଗ୍ୟ ରାଜସ୍ୱ ବିଭାଗ ପକ୍ଷରୁ କଡୁରୁ ବାଲିଶର୍ଯ୍ୟା ପାଇଁ ଟେଣ୍ଡର ସହ ସମସ୍ତ ପ୍ରକ୍ରିୟା ସରିବା ପରେ ଲିଜ୍‌ଧାରୀ ବାଲି ଉଠାଣ କରିବାକୁ ଯାଇଥିଲେ। ତେବେ ଗ୍ରାମବାସୀଙ୍କ ବିରୋଧ ଯୋଗୁ ବାଲି ଉଠାଣ ହୋଇପାରି ନ ଥିଲା।

